THE HARSIKA
ହର୍ଷିକା
ଏକ ନୂଆ ଆହ୍ୱାନ... ଓଡ଼ିଆ ଖବର
Harsika Media
24×7 News Channel
ଏକ ନୂଆ ଆହ୍ୱାନ..
PRIG No. :ORORI/26/A0387
A Unit of Harsika Media
Web : www.harsikamedia.com
Facebook : Harsika Media
Youtube : Harsika Media
• VOL. NO. 01 • ISSUE NO. 02 • CUTTACK • WEEKLY • 02 FEBRUARY- 08 FEBRUARY, 2026 • RS. 7.00 • PAGE-8
• ଭାଗ-୦୧ • ସଂଖ୍ୟା-୦୨ • କଟକ • ସାପ୍ତାହିକ • ୦୨ ଫେବୃଆରୀ-୦୮ ଫେବୃଆରୀ ୨୦୨୬ • ମୂଲ୍ୟ : ଟ.୭.୦୦ • ପୃଷ୍ଠା-୮

ଜ୍ଞାନର ଆଲୋକେ ଉଦଭାସିତ ଆମ ଜୀବନ,
ଯାହା ଠୁଁ ଶିଖୁଛୁ, ଯା କିଛି ଶିଖୁଛୁ,ସେଇ ତ ଆମ ଶିକ୍ଷକ,
ପ୍ରକୃତି ଦେଇଥାଏ ଆମକୁ କେତେ ଜ୍ଞାନର ଭଣ୍ଡାର ,
ମାତା,ପିତା,ଶିକ୍ଷକ ଆମ ଜୀବନେ ଦିଅନ୍ତି ଜ୍ଞାନର ଆଲୋକ ।

## ସରିଳା କ୍ୟାବିନେଟ୍ ବୈଠକ

# ୧୨ ପ୍ରସ୍ତାବକୁ କ୍ୟାବିନେଟ୍ ମଞ୍ଜୁର

ଭୁବନେଶ୍ୱର : ସରିଲା ରାଜ୍ୟ କ୍ୟାବିନେଟ୍‌ରେ ଗୁରୁତ୍ୱପୂର୍ଣ୍ଣ ବୈଠକ। ୧୦ ବିଭାଗର ୧୨ଟି ପ୍ରସ୍ତାବକୁ କ୍ୟାବିନେଟ୍ ମଞ୍ଜୁରୀ ମିଳିଛି । ଏନେଇ ସୂଚନା ଦେଇଛନ୍ତି ରାଜ୍ୟ ମୁଖ୍ୟ ଶାସନ ସଚିବ। ରାଜ୍ୟ ସମବାୟ ନୀତିକୁ କ୍ୟାବିନେଟ୍‌ରେ ମଞ୍ଜୁରୀ ମିଳିଛି । ଜାତୀୟ ଢାଞ୍ଚାରେ ହେବ ନୀତି । ଦୁବାଇ ସିଙ୍ଗାପୁର ପାଇଁ ମାର୍ଚ୍ଚ ଯାଏଁ ବିମାନ ସେବା ଜାରି ରହିବ ।



ମାର୍ଚ୍ଚ ଯାଏଁ ଦୁବାଇ ଏବଂ ସିଙ୍ଗାପୁରକୁ ଜାରି ରହିବ ବିମାନ ଉଡାଣ କ୍ୟାବିନେଟ ବୈଠକରେ ନିଷ୍ପତ୍ତି । ପରବର୍ତ୍ତୀ ସମୟରେ ଏହା ଚାଲୁ ରହିବ କି ନାହିଁ ମୁଖ୍ୟମନ୍ତ୍ରୀ ନିଷ୍ପତ୍ତି ନେବେ । କ୍ୟାବିନେଟ ବୈଠକ ପରେ ମୁଖ୍ୟ ଶାସନ ସଚିବଙ୍କ ସୂଚନା । ଏହାସହ ଓଡ଼ିଶାରେ ନିର୍ମାଣ ହେବ ପ୍ରତିରକ୍ଷା ଏବଂ ଏରୋସ୍ପେଶ ସାମଗ୍ରୀ । ଏନେଇ କ୍ୟାବିନେଟ ବୈଠକରେ ବାଜିଛି ମୋହର ।ଶିଳ୍ପ ବିଭାଗର କଲ୍ୟାଣୀ ଗ୍ରୁପ ତରଫରୁ ଇଣ୍ଟିଗ୍ରେଟେଡ୍ ନ୍ୟୁ ଏଜ ମାନୁଫେକଚର କମ୍ପ୍ଲେକ୍ସ ଢେଙ୍କାନାଳର ଗଜମରା ଠାରେ ୧୧ ସହ ଏକର ଜମିରେ ନିର୍ମାଣ ହେବ । ୧୭ ହଜାର ୨୫୦ କୋଟି ଟଙ୍କାର ନିବେଶ ହେବ । ୨୦ ହଜାର ନିଯୁକ୍ତି ସୃଷ୍ଟି ହେବ । ଟାଇଟାନିୟମ, ସ୍ପେଶାଲ ଷ୍ଟିଲ, ଅଟୋ କମ୍ପନେଟ, ଏରୋସ୍ପେଶ, ପ୍ରତିରକ୍ଷା ସାମଗ୍ରୀ ପ୍ରସ୍ତୁତ ହେବ ବୋଲି ମୁଖ୍ୟ ଶାସନ ସଚିବ କହିଛନ୍ତି। । ଅପରପକ୍ଷରେ ୧୭ତମ ବିଧାନସଭାର ବଜେଟ ଅଧିବେଶନ ଫେବୃଆରୀ ୧୭ ତାରିଖରୁ ଆରମ୍ଭ ହେବ। ୨୦୨୬-୨୭ ଆର୍ଥିକ ବର୍ଷ ପାଇଁ ସରକାରଙ୍କ ପକ୍ଷରୁ ୨୦ ତାରିଖରେ ପୂର୍ଣ୍ଣାଙ୍ଗ ବଜେଟ୍ ଆଗତ କରାଯିବ। ଫେବୃଆରୀ ୧୭ରୁ ଆରମ୍ଭ ହେବାକୁ ଥିବା ଏହି ଅଧିବେଶନ ଏପ୍ରିଲ ୮ ତାରିଖ ପର୍ଯ୍ୟନ୍ତ ଚାଲିବ। ୨ଟି ପର୍ଯ୍ୟାୟରେ ହେବାକୁ ଥିବା ଏହି ଅଧିବେଶନରେ ମୋଟ୍ ୨୯ଟି କାର୍ଯ୍ୟ ଦିବସ ରହିଛି। ୧୭ରେ ଗୃହକୁ ରାଜ୍ୟପାଳ ଡ. ହରିବାବୁ କମ୍ଭମ୍‌ପାଟି ସମ୍ବୋଧିତ କରିବେ। ଏହାପରେ ରାଜ୍ୟପାଳଙ୍କ ସମ୍ବୋଧନ ଉପରେ ଧନ୍ୟବାଦ ପ୍ରସ୍ତାବ ଆଲୋଚନା ୧୯ ତାରିଖ ପର୍ଯ୍ୟନ୍ତ ଚାଲିବ। ୨୦ ତାରିଖରେ ଗୃହରେ ଅର୍ଥ ବିଭାଗ ଦାୟିତ୍ୱରେ ଥିବା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ୨୦୨୬-୨୭ ଆର୍ଥିକ ବର୍ଷ ପାଇଁ ବଜେଟ ଉପସ୍ଥାପନ କରିବେ।

## ମହାରାଷ୍ଟ୍ରର ପ୍ରଥମ ମହିଳା ଉପ-ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେଲେ

# ମିଳିଲା ଅବକାରୀ ଓ କ୍ରୀଡ଼ା ବିଭାଗ

ମୁମ୍ବାଇ : ଶନିବାର ରାଜ୍ୟ ସଭା ଏମପି ପଦରୁ ଇସ୍ତଫା ଦେଇ ସ୍ୱର୍ଗତ ଅଜିତ ପାୱାରଙ୍କ ପତ୍ନୀ ସୁନେତ୍ରା ପାୱାର ମହାରାଷ୍ଟ୍ରର ପ୍ରଥମ ମହିଳା ଉପମୁଖ୍ୟମନ୍ତ୍ରୀ ଭାବରେ ଶପଥ ଗ୍ରହଣ କରିଛନ୍ତି। ସେ ତାଙ୍କ ସ୍ୱାମୀ ତଥା ପୂର୍ବତନ ଉପମୁଖ୍ୟମନ୍ତ୍ରୀ ଅଜିତ ପାୱାରଙ୍କ ସ୍ଥାନ ନେଇଛନ୍ତି, ଯାହାଙ୍କର ଦୁଇ ଦିନ ପୂର୍ବରୁ ଏକ ବିମାନ ଦୁର୍ଘଟଣାରେ ଦୁଃଖଦ ମୃତ୍ୟୁ ହୋଇଥିଲା। ରାଜ୍ୟପାଳ ଆଚାର୍ଯ୍ୟ ଦେବବ୍ରତ ମୁମ୍ବାଇର ଲୋକଭବନରେ ଆୟୋଜିତ ଏକ ସମାବର୍ତ୍ତନ ଉତ୍ସବରେ ତାଙ୍କୁ ପଦ ଏବଂ ଗୋପନୀୟତାର ଶପଥ ପାଠ କରାଇଥିଲେ। ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡନଭିସ, ଉପମୁଖ୍ୟମନ୍ତ୍ରୀ ଏକନାଥ ସିନ୍ଦେ, ଏନସିପି ରାଜ୍ୟ ସଭାପତି ସୁନୀଲ ତଟକାରେ ଏବଂ ପ୍ରଫୁଲ ପଟେଲଙ୍କ ସମେତ ଅନେକ ପ୍ରମୁଖ



ନେତା ଏହି ଶପଥ ଗ୍ରହଣ ଉତ୍ସବରେ ଉପସ୍ଥିତ ଥିଲେ ।ସୁନେତ୍ରା ପାୱାରଙ୍କୁ ମହାରାଷ୍ଟ୍ରର ଅବକାରୀ, କ୍ରୀଡ଼ା ଓ ଯୁବ ବ୍ୟାପାର, ● ପୃଷ୍ଠା : ୨




# ଅଭିଶପ୍ତ ଗାଁ କଦମଝୋଲା; ପୋଲ ଓ ରାସ୍ତା ସାତସପନ, ଚୁଆ ପାଣି ଭରସା

ଚିତ୍ରକୋଣ୍ଡା : ଚିତ୍ରକୋଣ୍ଡା ବ୍ଲକ ବଡ଼ପଦ଼ର ପଞ୍ଚାୟତର କଦମଝୋଲା ଗ୍ରାମବାସୀ ଅଭିଶପ୍ତ ଜୀବନ ବିତାଉଛନ୍ତି। ଗାଁକୁ ରାସ୍ତା ନଥିବା ବେଳେ ନାଳରେ ପୋଲ ନିର୍ମାଣ ହୋଇନଥିବାରୁ ଯାତାୟାତ ସମୟରେ ଲୋକେ ହଇରାଣ ହେଉଛନ୍ତି। ଚୁଆ ପାଣି ପିଇ ଲୋକେ ରୋଗାକ୍ରାନ୍ତ ହେଉଛନ୍ତି। ବାରମ୍ବାର ଗୁହାରି ପରେ ମଧ୍ୟ ପ୍ରଶାସନ ପଦକ୍ଷେପ ନେଉ ନଥିବାରୁ ଗ୍ରାମବାସୀ ଅସନ୍ତୋଷ ପ୍ରକାଶ କରିଛନ୍ତି। ପଞ୍ଚାୟତ ସଦରରୁ ୧୦ କିମି ଓ ବ୍ଲକ ସଦର ମହକୁମାରୁ ୧୨କିମି ଦୂରରେ ଥିବା ଏହି ଗାଁରେ ୫୦ବର୍ଷରୁ ଉର୍ଦ୍ଧ ଦିନ ହେଲା ୨୫ଟି ପରିବାର ରହୁଛନ୍ତି। କିନ୍ତୁ ଆଜି ପର୍ଯ୍ୟନ୍ତ ଗାଁକୁ ପକ୍କା ରାସ୍ତା ନିର୍ମାଣ ହୋଇପାରିନି। ଗ୍ରାମବାସୀ ବିପଦପୂର୍ଣ୍ଣ ଭାବେ ନାଳ ପାର ହୋଇ ଦୈନନ୍ଦିନ କାର୍ଯ୍ୟରେ ବଡ଼ପଦର ଓ ଚିତ୍ରକୋଣ୍ଡା ଯାଉଛନ୍ତି। ବର୍ଷାଦିନେ ସମସ୍ୟା



ଦ୍ୱିଗୁଣିତ ହୋଇ ଯାଉଛି। ନାଳରେ ପ୍ରବଳ ପାଣି ପ୍ରବାହିତ ହେଉଥିବାରୁ ଲୋକେ ଏକପ୍ରକାର ଜଳବନ୍ଦି ଜୀବନ ବିତାଇଥାନ୍ତି। ରୋଗୀ ଓ ଗର୍ଭବତୀଙ୍କୁ ଭାରାରେ ବୋହି ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଉଛି। ଅନେକ ସମୟରେ ନାଳ ପାର ହେବା ସମୟରେ କିଛି ଜଣଙ୍କ ମୃତ୍ୟୁ ହୋଇଥିବା ଗ୍ରାମବାସୀ କହିଛନ୍ତି । ଗାଁରେ ପାନୀୟ ଜଳ ସମସ୍ୟା ଦେଖାଦେଇଛି। ଗ୍ରାମବାସୀ ନିଜସ୍ୱ ଖର୍ଚ୍ଚରେ ଚୁଆର ଦୂଷିତ ପାଣିକୁ ପାଇପ୍ ଯୋଗେ ଗାଁକୁ ଆଣି ବ୍ୟବହାର କରୁଛନ୍ତି। କିନ୍ତୁ ବର୍ଷାଦିନେ ଚୁଆ ପାଣି ପିଇ ଲୋକେ ରୋଗାକ୍ରାନ୍ତ ହେଉଥିବା ଗ୍ରାମବାସୀ କ୍ଷୋଭର ସହ କହିଛନ୍ତି। ପ୍ରଶାସନ ପକ୍ଷରୁ ଦୂଷିତ ଚୁଆ ପାଣିକୁ ପାଇପ୍ ଯୋଗେ ଗାଁରେ ପହଞ୍ଚାଇବା ପାଇଁ କାମ ଚାଲିଛି। କିନ୍ତୁ ଏହି କାମ ନିମ୍ନମାନର ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଗ୍ରାମର ସମସ୍ୟା ନେଇ ସରପଞ୍ଚ ଓ ପ୍ରଶାସନକୁ ଅବଗତ କରାଯିବା ପରେ ମଧ୍ୟ ପଦକ୍ଷେପ ନିଆଯାଉନଥିବା ଗ୍ରାମବାସୀ କ୍ଷୋଭ ପ୍ରକାଶ କରିଛନ୍ତି।







**ଶ୍ରୀଯୁକ୍ତ ରଞ୍ଜନ ବେହେରା**
ସମାଜସେବୀ, ଶିକ୍ଷାବିତ୍
କେନ୍ଦ୍ରାପଡ଼ା, ଓଡ଼ିଶା



**ଶୁଭେଚ୍ଛା ବାର୍ତ୍ତା**

'ହର୍ଷିକା ଓଡ଼ିଆ ଖବର' ଜାନୁୟାରୀ ୨୬ ତାରିଖ ତାର ପ୍ରଥମ ସାପ୍ତାହିକ ଖବର ପ୍ରକାଶନ ହେବା ଜାଣି ମୁଁ ଅତ୍ୟନ୍ତ ଆନନ୍ଦିତ । ଏହା ଜନସାଧାରଣ ଙ୍କର ସ୍ୱର ହେଉ । ପଲ୍ଲୀରୁ ଦିଲ୍ଲୀ ପର୍ଯ୍ୟନ୍ତ ଘଟୁ ଥିବା ଘଟଣାର ସଠିକ୍ ଖବର ଉପସ୍ଥାପନା କରିବାରେ ଏହା ଅଗ୍ରଣୀ ଭୂମିକା ନିର୍ବାହ କରୁ । ନିର୍ଭୀକ ସମ୍ବାଦ ପତ୍ର ହିସାବରେ ଏହା ଖ୍ୟାତି ଲାଭ କରୁ ଏହା ମୋର ଭଗବାନ୍‌ଙ୍କ ନିକଟରେ ପ୍ରାର୍ଥନା । ହର୍ଷିକା ର ଉତ୍ତୋରତ୍ତର ଉନ୍ନତି କାମନା କରୁଛି ।

**ସାରଙ୍ଗ ପାଣି ଷଡ଼ଙ୍ଗୀ**
ସମାଜ ସେବୀ



**ଶୁଭଚ୍ଛା ବାର୍ତ୍ତା**

'ହର୍ଷିକା ଓଡ଼ିଆ ଖବର' ଜାନୁଆରୀ ୨୬ ତାରିଖ ରେ ଆତ୍ମପ୍ରକାଶ କରିଥିବା ଜାଣି ବହୁତ୍ ଖୁସି ଲାଗିଲା । ନିରପେକ୍ଷ ଖବର ପ୍ରକାଶ ରେ ଏହି ସାପ୍ତାହିକ ସମ୍ବାଦ ପତ୍ର ଟି ଅଗ୍ରଣୀ ଭୂମିକା ଗ୍ରହଣ କରିବ ବୋଲି ମୋର ଆଶା ଓ ବିଶ୍ୱାସ । ସମାଜ ର ଦରିଦ୍ର ଓ ନିଷ୍ପେସିତ ଜନ ସାଧାରଣଙ୍କର ଏହା ଶାଣିତ ସ୍ୱର ହେଉ । ନିର୍ଭୀକ ଓ ନିର୍ବିକାର ସମ୍ବାଦ ପରିବେଷଣ କରି ଏହା ସମସ୍ତ ବର୍ଗରେ ଆଦୃତ ହେଉ । ଏହି ଅବସରରେ ସମ୍ପାଦକ ଡକ୍ଟର ବ୍ୟୋମକେଶ କାନୁନଗୋକୁ ମୋର ହାର୍ଦ୍ଦିକ ଅଭିନନ୍ଦନ ଏବଂ ଶୁଭେଚ୍ଛା ଜଣାଉଛି। ସମ୍ବାଦ ପତ୍ରଟି ଗୋଟେ ଲମ୍ବା ପ୍ରତିଯୋଗିତା ର ଘୋଡ଼ା ହେଉ ଏହା ମୋର କାମନା ଓ ଇଶ୍ୱର ଙ୍କ ନିକଟରେ ପ୍ରାର୍ଥନା ।

### ଭାରତ-ଇୟୁ 'ମଦର୍ ଅଫ୍ ଅଲ୍' ଡିଲ୍

# ଶସ୍ତା ହେବ କାର୍, ମଦ, ଓ ମେଡିକାଲ ଉପକରଣ

**ନୂଆଦିଲ୍ଲୀ :** ପ୍ରାୟ ଦୁଇ ଦଶନ୍ଧି ଧରି ଆଲୋଚନା ପରେ ଭାରତ ଏବଂ ୟୁରୋପୀୟ ସଂଘ ମଧ୍ୟରେ ଆଜି ଐତିହାସିକ ବାଣିଜ୍ୟିକ ଚୁକ୍ତି ହୋଇଛି । ୧୬ତମ ଭାରତ-ୟୁରୋପୀୟ ସଂଘ ଶିଖର ସମ୍ମିଳନୀରେ ଏହା ଫାଇନାଲ୍ ହୋଇଛି । ବୈଠକରେ ୟୁରୋପୀୟ ପରିଷଦ ଅଧ୍ୟକ୍ଷ ଆଣ୍ଟୋନିଓ ଲୁଇସ୍ ସାଣ୍ଟୋସ୍ ଡା କୋଷ୍ଟା ଏବଂ ୟୁରୋପୀୟ କମିଶ ଅଧ୍ୟକ୍ଷ ଉର୍ସୁଲା ଭନ୍ ଡେରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଛି । ଦୁଇ ଦେଶ ମଧ୍ୟରେ ହୋଇଥିବା ମଦର୍ ଅଫ୍ ଡିଲ ଦ୍ୱାରା ଭାରତରେ ଦାମୀ କାର୍, ମଦ, କେମିକାଲ ଏବଂ ମେଡିକାଲ ଉପକରଣ ଶସ୍ତା ହେବ । ମଦର୍ ଅଫ୍ ଡିଲ୍ ରେ ଭାରତରେ ପ୍ରାୟ ୯୭% ୟୁରୋପୀୟ ସଂଘ ରପ୍ତାନି ଉପରେ ଶୁଳ୍କ ହ୍ରାସ କରିଛି । ଏହି ଡିଲ୍ ଅଧୀନରେ ଭାରତରୁ ୨ ଗୁଣା ରପ୍ତାନୀ ହେବ ବୋଲି କହିଛି ଇୟୁ । ଦୁଇ ଦେଶର ମିଳିତ ସାମ୍ବାଦିକ ସମ୍ମିଳନୀରେ ପ୍ରଧାନମନ୍ତ୍ରୀ ମୋଦି କହିଛନ୍ତି,'' ଇତିହାସରେ ଭାରତ-ଇୟୁ ମଧ୍ୟରେ ଏହା ସବୁଠୁ ବଡ଼ ଚୁକ୍ତି । ଏହି ମୁକ୍ତ ବାଣିଜ୍ୟ ଚୁକ୍ତି ଐତିହାସିକ, ସମସ୍ତଙ୍କୁ ନୂଆ ଅବସର ମିଳିବ । ୨୭ ୟୁରୋପୀୟ ଦେଶ ସହ ଡିଲ୍ ହୋଇଛି, ବିଶ୍ୱରେ ଏହା ସ୍ଥିରତା ଆଣିବ । ଏହି ଚୁକ୍ତି ଦ୍ୱାରା ୟୁରୋପ-ଭାରତ ମଧ୍ୟରେ ନୂଆ ଅଧ୍ୟାୟ ସୃଷ୍ଟି ହୋଇଛି । ଆଜିଠାରୁ ନୂଆ ଯୁଗର ଆରମ୍ଭ ହୋଇଛି । ଆମେ ଆଗାମୀ ୫ ବର୍ଷ ପାଇଁ ଏକ ମହତ୍ୱାକାଂକ୍ଷୀ ଏବଂ ସାମଗ୍ରିକ ରଣନୈତିକ କାର୍ଯ୍ୟସୂଚୀ ଆରମ୍ଭ କରୁଛୁ । ଏହି ଜଟିଳ ବିଶ୍ୱ ପରିବେଶରେ, ଏହି କାର୍ଯ୍ୟସୂଚୀ ସ୍ପଷ୍ଟ ଦିଗଦର୍ଶନ ପ୍ରଦାନ କରିବ, ଆମର ସହଭାଗୀ ସମୃଦ୍ଧିକୁ ଆଗକୁ ବଢ଼ାଇବ, ପ୍ରତିରକ୍ଷା ସହଯୋଗକୁ ମଜବୁତ କରିବ ଏବଂ ଲୋକ-ଲୋକ ସମ୍ପର୍କକୁ ଆହୁରି ଗଭୀର କରିବ ।'' ସେହିପରି ୟୁରୋପୀୟ ପରିଷଦ ଅଧ୍ୟକ୍ଷ ଆଣ୍ଟୋନିଓ ଲୁଇସ୍ ସାଣ୍ଟୋସ୍ ଡା କୋଷ୍ଟା କହିଛନ୍ତି, 'ଆଜି ଆମେ ଆମର ବାଣିଜ୍ୟ ଆଲୋଚନା ସମାପ୍ତ କରିଛୁ । ମୋ ପୂର୍ବ କ୍ଷମତାରେ ମୁଁ ୨୦୨୧ ମେ ମାସରେ ଆୟୋଜନ କରିବାର ସୌଭାଗ୍ୟ ପାଇଥିବା ସଦ୍ୟତମ ବୈଠକରେ ଆମେ ପୁଣି ଆରମ୍ଭ କଲୁ । ଆମର ଶିଖର ସମ୍ମିଳନୀ ବିଶ୍ୱକୁ ଏକ ସ୍ପଷ୍ଟ ବାର୍ତ୍ତା ଦେଇଛି । ୟୁରୋପୀୟ ସଂଘ ଏବଂ ଭାରତ ରଣନୈତିକ ଏବଂ ନିର୍ଭରଯୋଗ୍ୟ ଅଂଶୀଦାର ଭାବରେ ଏକାଠି ଠିଆ ହୋଇଛନ୍ତି । ଆମେ ଆମର ସହଭାଗୀତାକୁ ପରବର୍ତ୍ତୀ ସ୍ତରକୁ ନେଇଯାଉଛୁ । ବିଶ୍ୱର ଦୁଇଟି ସର୍ବବୃହତ ଗଣତନ୍ତ୍ର ଭାବରେ, ଆମେ ଆମର ନାଗରିକମାନଙ୍କ ପାଇଁ ଶାନ୍ତି ଏବଂ ସ୍ଥିରତା, ଆର୍ଥିକ ଅଭିବୃଦ୍ଧି ଏବଂ ସ୍ଥାୟୀ ବିକାଶକୁ ଆଧାର କରିବା ପାଇଁ ହାତ ମିଳାଇ କାମ କରୁଛୁ ।'



## ଋଷ-ୟୁକ୍ରେନ୍ ଯୁଦ୍ଧରେ ଲାଗିବ ବ୍ରେକ୍ ?

**ୱାଶିଂଟନ୍ :** ଦୀର୍ଘ ମାସ ଧରି ଜାରି ରହିଥିବା ଋଷ-ୟୁକ୍ରେନ୍ ଯୁଦ୍ଧରେ ଲାଗିବ ବ୍ରେକ୍ । ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏପରି ଦାବି କରିଛନ୍ତି । କଠୋର ଶୀତରେ ଥରୁଛି ୟୁକ୍ରେନ୍, ହଇରାଣ ହେଉଛନ୍ତି ସେଠାକାର ସାଧାରଣ ଲୋକ । ତେଣୁ ଏହାକୁ ଦୃଷ୍ଟିରେ ରଖି କିଛିଦିନ ପାଇଁ ଯୁଦ୍ଧ ବିରତି କରିବାକୁ ଋଷ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନଙ୍କୁ ଅନୁରୋଧ କରିଥିଲେ ଟ୍ରମ୍ପ, ଆଉ ତାଙ୍କର ଏହି ଅନୁରୋଧକୁ ପୁଟିନ୍ ରକ୍ଷା କରିଛନ୍ତି ବୋଲି ଦାବି କରିଛନ୍ତି ଆମେରିକା ରାଷ୍ଟ୍ରପତି । ହ୍ୱାଇଟ୍ ହାଉସରେ ଅନୁଷ୍ଠିତ କ୍ୟାବିନେଟ୍ ବୈଠକରେ ରାଷ୍ଟ୍ରପତି ଟ୍ରମ୍ପ୍ କହିଛନ୍ତି, ସେ ବ୍ୟକ୍ତିଗତ ଭାବରେ ରାଷ୍ଟ୍ରପତି ପୁଟିନଙ୍କୁ ଅନୁରୋଧ କରିଛନ୍ତି ଯେ ସେ କଠୋର ଶୀତ ସମୟରେ କିଭ୍ ଓ ଅନ୍ୟାନ୍ୟ ସହର ଉପରେ ଆକ୍ରମଣକୁ ଗୋଟିଏ ସପ୍ତାହ ପାଇଁ ସ୍ଥଗିତ ରଖନ୍ତୁ । ଟ୍ରମ୍ପଙ୍କ ଏହି ବୟାନ ଏପରି ଏକ ସମୟରେ ଆସିଛି ଯେତେବେଳେ ଋଷ ବାରମ୍ବାର ୟୁକ୍ରେନର ବିଦ୍ୟୁତ୍ ପ୍ରତିଷ୍ଠାନ ଓ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ଭିତ୍ତିଭୂମି ଉପରେ ଆକ୍ରମଣ କରୁଛି, ଯାହା ଫଳରେ ସାରା ଦେଶରେ ବ୍ୟାପକ ବିଦ୍ୟୁତ୍ ବିଭ୍ରାଟ ହେଖାଦେଇଛି ।



### ପଞ୍ଚେଭା ଗାଁରେ 'ଲଭ ମ୍ୟାରେଜ' ବ୍ୟାନ୍

## ନିୟମ ନ ମାନିଲେ ହେବେ ବାସନ୍ଦ

**ରତଲାମ :** ମଧ୍ୟପ୍ରଦେଶର ରତଲାମ ଜିଲାର ପଞ୍ଚେଭା ଗାଁରୁ ଏକ ଆଶ୍ଚର୍ଯ୍ୟଜନକ ଘଟଣା ସାମ୍ନାକୁ ଆସିଛି । ଗାଁ ଲୋକେ ଏକ 'ତୁଗଲକି ନିୟମ' ଜାରି କରିଛନ୍ତି ଯାହା ଦ୍ୱାରା କେବଳ ସେମାନଙ୍କ ଇଚ୍ଛା ବିରୁଦ୍ଧରେ ବିବାହ କରୁଥିବା ପୁଅ ଏବଂ ଝିଅଙ୍କୁ ନୁହେଁ, ବରଂ ସେମାନଙ୍କ ସମ୍ପୂର୍ଣ୍ଣ ପରିବାରକୁ ସାମାଜିକ ବର୍ଜନ ଘୋଷଣା କରାଯାଇଛି । ଏହି ନିୟମର ଏକ ଭିଡିଓ ସୋସିଆଲ ମିଡିଆରେ ଦ୍ରୁତ ଗତିରେ ଭାଇରାଲ ହେଉଛି । ଭିଡିଓରେ, ଅନେକ ଗାଁ ଲୋକ ଏକାଠି ହୋଇଥିବା ଦେଖାଯାଉଛି । ଜଣେ ଯୁବକ ଗାଁର ନିୟମ ପାଠ କରୁଥିବାର ଅଭିଯୋଗ ହେଉଛି । ଏଥିରେ ଉଲ୍ଲେଖ ଅଛି ଯେ ପ୍ରେମ ପାଇଁ ପଳାଇ ଯାଇ ବିବାହ କରୁଥିବା ଯେକୌଣସି ଯୁବକ କିମ୍ବା ଯୁବତୀଙ୍କୁ ଗାଁ ଲୋକଙ୍କ ଦ୍ୱାରା କାଟି ଦିଆଯିବ । ନିୟମ ଅନୁଯାୟୀ, ଏପରି ପରିବାରଗୁଡ଼ିକୁ କୌଣସି ସାମାଜିକ କାର୍ଯ୍ୟକ୍ରମରେ ନିମନ୍ତ୍ରଣ କରାଯିବ ନାହିଁ । ଗାଁରେ କେହି ସେମାନଙ୍କୁ ଶ୍ରମିକ ଭାବରେ ନିଯୁକ୍ତି ଦେବେ ନାହିଁ । ଯିଏ ଏପରି କରିବ ସେ ସାମାଜିକ କାର୍ଯ୍ୟାନୁଷ୍ଠାନର ସମ୍ମୁଖୀନ ହେବ । ଏହା ବ୍ୟତୀତ, ବାସନ୍ଦ ହୋଇଥିବା ପରିବାରଗୁଡ଼ିକଠାରୁ କ୍ଷୀର କିମ୍ବା ଅନ୍ୟାନ୍ୟ ଅତ୍ୟାବଶ୍ୟକୀୟ ସାମଗ୍ରୀ ଯୋଗାଣ କିମ୍ବା ଗ୍ରହଣ ମଧ୍ୟ ନିଷେଧ । ନିୟମରେ ଏହା ମଧ୍ୟ କୁହାଯାଇଛି ଯେ ଏପରି ପରିବାରଗୁଡ଼ିକର ଜମି କେହି ଲିଜ ଦେବେ ନାହିଁ, ଏବଂ ସେମାନଙ୍କ ଘରେ କୌଣସି କାମ କରାଯିବ ନାହିଁ । ଯେଉଁମାନେ ପ୍ରେମ ବିବାହ କରନ୍ତି, ସାକ୍ଷୀ ଭାବରେ କାର୍ଯ୍ୟ କରନ୍ତି କିମ୍ବା ଏପରି ଦମ୍ପତିଙ୍କୁ ସମର୍ଥନ କରନ୍ତି ସେମାନଙ୍କ ବିରୁଦ୍ଧରେ ସାମାଜିକ ଦଣ୍ଡବିଧାନ ମଧ୍ୟ ଧମକ ଦିଆଯାଇଛି । ଏପରିକି ବିବାହ ଆୟୋଜନ ପାଇଁ ଗାଁ ବାହାରୁ ଆସୁଥିବା ଲୋକମାନଙ୍କୁ ଆଶ୍ରୟ ଦେଉଥିବା ଗ୍ରାମବାସୀଙ୍କ ପାଇଁ ଦଣ୍ଡ ମଧ୍ୟ ଦାବି କରାଯାଇଛି ।ଭିଡିଓଟି ଏହା ମଧ୍ୟ ପ୍ରକାଶ କରିଛି ଯେ ତିନୋଟି ପରିବାରକୁ ପୂର୍ବରୁ ବାସନ୍ଦ ଘୋଷଣା କରାଯାଇଛି । ଏହି ଘଟଣା ଆଇନ ଶୃଙ୍ଖଳା ଏବଂ ସାମାଜିକ ଚିନ୍ତାଧାରା ଉପରେ ଗମ୍ଭୀର ପ୍ରଶ୍ନ ଉଠାଇଛି, କାରଣ ଆଇନ ବୟସ୍କମାନଙ୍କୁ ସେମାନଙ୍କ ପସନ୍ଦରେ ବିବାହ କରିବାର ଅଧିକାରକୁ ଗ୍ୟାରେଣ୍ଟି ଦିଏ ।

### ପ୍ରଥମ ପୃଷ୍ଠାରୁ

**ମିଳିଲା :** ସଂଖ୍ୟାଲଘୁ ବିକାଶ ଓ ଔକାଫ ବିଭାଗ ମିଳିଛି । ମହାରାଷ୍ଟ୍ରର ପ୍ରମୁଖ ରାଜସ୍ୱ ଆଦାୟ କେନ୍ଦ୍ର ହେଉଛି ଅବକାରୀ ବିଭାଗ । ସୁନେତ୍ରା ଏବେ ସେହି ଦାୟିତ୍ୱରେ ରହିବେ । ତେବେ ଅଜିତ ପାୱାରଙ୍କ ପାଖରେ ଥିବା ଗୁରୁତ୍ୱପୂର୍ଣ୍ଣ ଯୋଜନା ଓ ଅର୍ଥ ବିଭାଗ ସୁନେତ୍ରାଙ୍କୁ ବର୍ତ୍ତମାନ ଦିଆଯାଇ ନାହିଁ । ଏହି ଦୁଇ ବିଭାଗ ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡନାଭିସ ନିଜ ପାଖରେ ରଖିଛନ୍ତି । ଆସନ୍ତା ମାର୍ଚ୍ଚ ମାସରେ ରାଜ୍ୟ ବଜେଟ ରହିଥିବାରୁ ସୁନେତ୍ରାଙ୍କୁ ଅର୍ଥ ବିଭାଗ ଦାୟିତ୍ୱ ଦିଆଯାଇ ନାହିଁ । କିନ୍ତୁ ଏହା ପରେ ସମ୍ଭବତଃ ଫଡନାଭିସ ଏନସିପିକୁ ଏହି ବିଭାଗର ଦାୟିତ୍ୱ ହସ୍ତାନ୍ତର କରିବେ । ବଜେଟ ଉପସ୍ଥାପନ ଯାଏ ଏହି ବିଭାଗର ଦାୟିତ୍ୱରେ ନିଜେ ଫଡନାଭିସ ରହିବେ ବୋଲି ଜଣାପଡ଼ିଛି । ଏନେଇ ମହାୟୁତିରେ ଥିବା ଏନସିପି-ବିଜେପି ଓ ଏକନାଥ ସିନ୍ଦେଙ୍କ ଶିବସେନା ମଧ୍ୟରେ ସହମତି ହୋଇଛି ।

### ଭାରତକୁ ୩ଟି ପ୍ରାଚୀନ ବ୍ରୋଞ୍ଜ ପ୍ରତିମା ଫେରାଇବ ଆମେରିକା

## ଏଥିରେ ନଟରାଜଙ୍କ ପ୍ରତିମା ବହୁତ ସ୍ୱତନ୍ତ୍ର

**ନୂଆଦିଲ୍ଲୀ :** ସ୍ମିଥସୋନିଆନ ଇନଷ୍ଟିଚ୍ୟୁସନ୍‌ର ଜାତୀୟ ଏସିଆନ୍ କଳା ସଂଗ୍ରହାଳୟ ଘୋଷଣା କରିଛି ଯେ ଏହା ଭାରତ ସରକାରଙ୍କୁ ତିନୋଟି ବିରଳ ପ୍ରାଚୀନ ବ୍ରୋଞ୍ଜ ମୂର୍ତ୍ତି ଫେରାଇବ । ଏକ ସମ୍ପୂର୍ଣ୍ଣ ତଦନ୍ତ ଏବଂ ବିସ୍ତୃତ ଉତ୍ପତ୍ତି ଅନୁସନ୍ଧାନ ପରେ, ମୂର୍ତ୍ତିଗୁଡ଼ିକ ତାମିଲନାଡୁର ମନ୍ଦିରଗୁଡ଼ିକରୁ ଚୋରି ହୋଇଥିବା ପ୍ରମାଣିତ ହୋଇଥିଲା । ଏହି ପଦକ୍ଷେପ ସାଂସ୍କୃତିକ ଐତିହ୍ୟକୁ ଫେରାଇ ଆଣିବା ପାଇଁ ଏକ ବର୍ଦ୍ଧିତ ବିଶ୍ୱସ୍ତରୀୟ ପ୍ରୟାସର ଏକ ଅଂଶ । ଏହି ମୂର୍ତ୍ତିଗୁଡ଼ିକ କଳାର ଉତ୍କୃଷ୍ଟ ନମୁନା ।

ଏହି ତିନୋଟି ମୂର୍ତ୍ତି ଦକ୍ଷିଣ ଭାରତୀୟ କାଂସ୍ୟ କଳାର ଉତ୍କୃଷ୍ଟ ନିଦର୍ଶନ, ଯାହା ପାରମ୍ପରିକ ଭାବରେ ମନ୍ଦିର ପୂଜା ଏବଂ ଶୋଭାଯାତ୍ରା ପାଇଁ ବ୍ୟବହୃତ ହୁଏ ।

ଶିବ ନଟରାଜ (ଚୋଳ ଯୁଗ, ପ୍ରାୟ ୯୯୦ ଖ୍ରୀଷ୍ଟାବ୍ଦ): ଏହି ମୂର୍ତ୍ତିରେ ଶିବଙ୍କୁ ତାଙ୍କ ନୃତ୍ୟ ରୂପରେ ଚିତ୍ରିତ କରାଯାଇଛି, ଯାହା ବ୍ରହ୍ମାଣ୍ଡର ନୃତ୍ୟର ପ୍ରତୀକ । ଏହା ତାମିଲନାଡୁର ତାଞ୍ଜାଭୁର ଜିଲ୍ଲାର ତିରୁତ୍ତୁରୈପୁଣ୍ଡି ତାଲୁକର ଶ୍ରୀ ଭବ ସୋମସ୍କନ୍ଦ (ଚୋଳ ଯୁଗ, ଦ୍ୱାଦଶ ଶତାବ୍ଦୀ): ଏହି ମୂର୍ତ୍ତିରେ ଶିବ, ପାର୍ବତୀ ଏବଂ କାର୍ତ୍ତିକେୟଙ୍କୁ ଏକାଠି ଚିତ୍ରିତ କରାଯାଇଛି । ଏହା ୧୯୫୯ ମସିହାରେ ତାମିଲନାଡୁର ମନ୍ନାରକୁଡି ତାଲୁକର ଆଲାତ୍ତୁର ଗ୍ରାମର ବିଶ୍ୱନାଥ ମନ୍ଦିରରୁ ଫଟୋଗ୍ରାଫ୍ କରାଯାଇଥିଲା । ପାରାଭାଇଙ୍କ ସହିତ ସନ୍ଥ ସୁନ୍ଦରର (ବିଜୟନଗର ଯୁଗ, ୧୬ ଶତାବ୍ଦୀ): ଏହା ନୟନର ସନ୍ଥ ସୁନ୍ଦରର ଏବଂ ତାଙ୍କ ପତ୍ନୀ ପାରାଭାଇଙ୍କ ଏକ ପ୍ରତିମୂର୍ତ୍ତି । ଏହା ୧୯୫୬ ମସିହାରେ ତାମିଲନାଡୁର କଲ୍ଲାକୁରିଚି ତାଲୁକର ବୀରସୋଲାପୁରମ ଗ୍ରାମର ଶିବ ମନ୍ଦିରରେ ଆବିଷ୍କୃତ ହୋଇଥିଲା । ଚୋରି ପରେ ବେଆଇନ ଭାବରେ ବିଦେଶକୁ ପଠାଯାଇଥିଲା ସଂଗ୍ରହାଳୟର ଏକ ବିବୃତ୍ତି ଅନୁଯାୟୀ, ଏହି ମୂର୍ତ୍ତିଗୁଡ଼ିକର ଉତ୍ପତ୍ତିର ତଦନ୍ତରେ ଫରାସୀ ସଂସ୍ଥାନ ପଣ୍ଡିଚେରୀ, ଭାରତୀୟ ପ୍ରତ୍ନତତ୍ତ୍ୱ ସର୍ବେକ୍ଷଣ ଏବଂ ବିଶ୍ୱବ୍ୟାପୀ ଅନେକ ସଂଗଠନ ଏବଂ ବ୍ୟକ୍ତିବିଶେଷଙ୍କ ଫଟୋ ଅଭିଲେଖାଗାର ସାମିଲ ଥିଲା । ତଦନ୍ତରୁ ଜଣାପଡିଛି ଯେ ଏହି ମୂର୍ତ୍ତିଗୁଡ଼ିକୁ ୧୯୫୦ ଦଶକରେ ମନ୍ଦିରରୁ ଚୋରି କରାଯାଇଥିଲା ଏବଂ ବେଆଇନ ଭାବରେ ବିଦେଶକୁ ପଠାଯାଇଥିଲା । କିଛି କ୍ଷେତ୍ରରେ, ଜାଲ ଦସ୍ତାବିଜ ବ୍ୟବହାର କରାଯାଇଥିଲା, ଯେପରିକି ୨୦୦୨ ମସିହାରେ ନ୍ୟୁୟର୍କର ଡୋରିସ୍ ୱେନର ଗ୍ୟାଲେରୀରୁ କିଣାଯାଇଥିବା ଶିବ ନଟରାଜ । ଭାରତ ସରକାର ଶିବ ନଟରାଜ ପ୍ରତିମାକୁ ସଂଗ୍ରହାଳୟକୁ ଦୀର୍ଘକାଳୀନ ଋଣରେ ରଖିବାକୁ ରାଜି ହୋଇଛନ୍ତି । ଏହି ବ୍ୟବସ୍ଥା ସଂଗ୍ରହାଳୟକୁ ପ୍ରତିମାର ସମ୍ପୂର୍ଣ୍ଣ କାହାଣୀ, ଏହାର ଉତ୍ପତ୍ତି, ଚୋରି ଏବଂ ପ୍ରତ୍ୟାବର୍ତ୍ତନ ସମେତ ସର୍ବସାଧାରଣରେ ସେୟାର କରିବାକୁ ଅନୁମତି ଦେବ । ପ୍ରତିମାଟି ଏବେ 'ଦକ୍ଷିଣ ଏସିଆ, ଦକ୍ଷିଣ ପୂର୍ବ ଏସିଆ ଏବଂ ହିମାଳୟ କ୍ଷେତ୍ରରେ ଜ୍ଞାନର କଳା' ଶୀର୍ଷକ ଏକ ପ୍ରଦର୍ଶନୀରେ ପ୍ରଦର୍ଶିତ ହେବ । ବାକି ଦୁଇଟି ପ୍ରତିମା, ସୋମସ୍କନ୍ଦ ଏବଂ ପାରାଭାଇ ସହିତ ସନ୍ଥ ସୁନ୍ଦରର, ଭାରତୀୟ ଦୂତାବାସ ମାଧ୍ୟମରେ ଭାରତକୁ ପଠାଯିବ । ଏହି ଚୁକ୍ତିନାମାକୁ ଚୂଡ଼ାନ୍ତ କରିବା ପାଇଁ ସଂଗ୍ରହାଳୟ ଏବଂ ଭାରତୀୟ ଦୂତାବାସ ଘନିଷ୍ଠ ଯୋଗାଯୋଗରେ ଅଛନ୍ତି । ଏହା ଏକ ସକାରାତ୍ମକ ପଦକ୍ଷେପ । ଏହି କାର୍ଯ୍ୟକ୍ରମ ସ୍ମିଥସୋନିଆନର ଦକ୍ଷିଣ ଏବଂ ଦକ୍ଷିଣ ପୂର୍ବ ଏସୀୟ କଳା ସଂଗ୍ରହର ଏକ ପଦ୍ଧତିଗତ ସମୀକ୍ଷାର ଅଂଶ, ଯାହା ସାଂସ୍କୃତିକ ସମ୍ପତ୍ତିର ନୈତିକ ଦାୟିତ୍ୱ ଉପରେ ଗୁରୁତ୍ୱାରୋପ କରେ । ବିଶେଷଜ୍ଞମାନେ ବିଶ୍ୱାସ କରନ୍ତି ଯେ ଏପରି ଫେରସ୍ତ ଭାରତର ସାଂସ୍କୃତିକ ଐତିହ୍ୟକୁ ପୁନରୁଦ୍ଧାର କରିବା ପାଇଁ ଏବଂ ବିଶ୍ୱ ସ୍ତରରେ ଲୁଟିତ ଐତିହ୍ୟଗୁଡ଼ିକର ଫେରସ୍ତ ଦିଗରେ ଏକ ସକାରାତ୍ମକ ପଦକ୍ଷେପ ପାଇଁ ଗୁରୁତ୍ୱପୂର୍ଣ୍ଣ ।



### ଧୋକା ଦେଲା ଗୁଗଲ ମ୍ୟାପ୍

## ଯାଉଯାଉ ମନ୍ଦିରରେ ଭୁଲ୍‌ରେ ପଶିଗଲା କାର୍

**ଜୟପୁର :** ରାଜସ୍ଥାନର ଜୟପୁରରେ ସୋମବାର ଗଣତନ୍ତ୍ର ଦିବସରେ, ବିର୍ଲା ମନ୍ଦିରରେ ଏକ ବିଶୃଙ୍ଖଳା ସୃଷ୍ଟି ହୋଇଥିଲା । ଯେତେବେଳେ ଜଣେ ପର୍ଯ୍ୟଟକଙ୍କ କାର୍ ମନ୍ଦିର ସିଡ଼ିରୁ ଖସିପଡ଼ିବାରୁ ଅଳ୍ପକେ ରକ୍ଷା ପାଇ ଯାଇଛନ୍ତି । ଗୁଗଲ ମ୍ୟାପ୍ସ ଉପରେ ନିର୍ଭର କରି ଡ୍ରାଇଭର ରାସ୍ତା ଉପରେ ନଯାଇ ମନ୍ଦିରର ତଳକୁ ଓହ୍ଲାଉଥିବା ସିଡ଼ିରେ କାର୍ ଚଳାଇଥିଲେ । ଘଟଣାରେ କେହି ଆହତ ହୋଇ ନାହାନ୍ତି । ସ୍ଥାନୀୟ ଭକ୍ତମାନେ ଘଟଣାର ଭିଡିଓ କରି ସୋସିଆଲ ମିଡିଆରେ ଭାଇରାଲ କରିଛନ୍ତି । ପ୍ରାୟ ଦୁଇ ଘଣ୍ଟା ପରେ, ପୋଲିସ କାର୍‌କୁ ସିଡ଼ିରୁ ବାହାର କରିବାରେ ସଫଳ ହୋଇଥିଲା । ଏହି ସମୟ ମଧ୍ୟରେ ସମଗ୍ର ମନ୍ଦିରରେ ଆତଙ୍କ ଖେଳିଯାଇଥିଲା । ଗୁଗଲ ମ୍ୟାପ୍ସ ଉପରେ ନିର୍ଭର ନକରିବାକୁ ଲୋକଙ୍କୁ



ପରାମର୍ଶ ଦିଆଯାଇଛି । ମନ୍ଦିର ପରିସରରେ ପ୍ରବେଶ କରୁଥିବା କାର୍ ଉପରେ କାର୍ଯ୍ୟାନୁଷ୍ଠାନ ନେବା ପୂର୍ବରୁ ତଦନ୍ତ କରାଯିବ । ଗଣତନ୍ତ୍ର ଦିବସରେ ଜୟପୁରର ବିର୍ଲା ମନ୍ଦିରରେ ବହୁ ସଂଖ୍ୟକ ଭକ୍ତ ଏକାଠି ହୋଇଥିଲେ । ଏହି ସମୟରେ, ପ୍ରବେଶ ଫାଟକ ଦେଇ ଏକ କାର୍ ମନ୍ଦିର ପରିସରରେ ପ୍ରବେଶ କରି ତଳକୁ ଓହ୍ଲାଉଥିବା ସିଡ଼ିରେ ଚଢ଼ିଗଲା । ଡ୍ରାଇଭର ହଠାତ୍ ବ୍ରେକ୍ ଲଗାଇ ଅଟକିଯାଇଥିଲେ, ଯାହା ଫଳରେ ଉତ୍ତେଜନା ସୃଷ୍ଟି ହେଲା । ସ୍ଥାନୀୟ ପୋଲିସ ଘଟଣାସ୍ଥଳରେ ପହଞ୍ଚି କାର୍‌ଟିକୁ ଉଦ୍ଧାର କରି ପ୍ରାୟ ଦୁଇ ଘଣ୍ଟା ପରେ ତଳକୁ ଆଣିଥିଲା । ପୋଲିସ ପଚରାଉଚରା ସମୟରେ, ଡ୍ରାଇଭର ସ୍ୱୀକାର କରିଛନ୍ତି ଯେ ସେ ଗୁଗଲ ମ୍ୟାପ ବ୍ୟବହାର କରି କାର୍ ଚଳାଇଥିଲେ, ଯାହା ତାଙ୍କୁ ମନ୍ଦିର ପାହାଚ ପର୍ଯ୍ୟନ୍ତ ନେଇଯାଇଥିଲା ।

# ମୌଳିକ ସୁବିଧାରୁ ବଞ୍ଚିତ ଗନ୍ଧି ଗୁଡା ଗ୍ରାମବାସୀ



ମାଲକାନଗିରି : କେନ୍ଦ୍ର ଏବଂ ରାଜ୍ୟ ସରକାରଙ୍କ ମାଳ ମାଳ ଯୋଜନା ଓ ସ୍ୱାଧୀନତାର ୭୭ ବର୍ଷ ପରେ ମଧ୍ୟ ଆଜିବି ଲୋକଙ୍କ ସମସ୍ୟା ଉପରେ ସମସ୍ୟା ଉପୁଜିବାରେ ଦେଖାଦେବା ସହ ସମସ୍ତ ପ୍ରକାର ମୌଳିକ ସୁବିଧାରୁ ବଂଚିତ ଅଛନ୍ତି । ଏହା ମାଲକାନଗିରି ଜିଲ୍ଲା କରକୋଣ୍ଡା ବ୍ଲକ ଅନ୍ତର୍ଗତ ନାକାମାମୁଡି ପଞ୍ଚାୟତ ନିକଟସ୍ଥ ଗାନ୍ଧୀଗୁଡା ଗ୍ରାମର ଦୃଶ୍ୟ । ଉକ୍ତ ଗ୍ରାମରେ ପ୍ରାୟ ୫୭ ରୁ ଅଧିକ ପରିବାର ବାସ କରନ୍ତି ଜନସଂଖ୍ୟା କହିଲେ ୩୫୦ ରୁ ଉର୍ଦ୍ଧ ହେବେ । ନିଜ ପଂଚାୟତ କୁ ଚାଉଳ ଆଣିବାକୁ ହେଲେ ୨୫କିଲମିଟର ଯିବାକୁ ପଡିଥାଏ ଏବଂ ବଜାର ପନିପରିବା ଆଣିବାକୁ ହେଲେ ୨୦ କିଲମିଟର ପଡିଥାଏ । ଏହି ଗ୍ରାମ ର ଛାତ୍ର ଛାତ୍ରୀ ଯଦି ପାଠ ପଢିବାକୁ ହେଲେ ୭ରୁ ୮ କିଲୋମିଟର ଯିବାକୁ ପଡିଥାଏ। ସମସ୍ୟାର ବିଷୟ ଛାତ୍ର ଛାତ୍ରୀ ପାଠ ପଢିବାକୁ ଗଲେ ଝରଣା କୂଳରେ ପାଣିର ଭୟ ସହିତ ବଣ ଜଙ୍ଗଲ ପଢିଥାଏ ବାଟରେ ବନ୍ୟ ଜନ୍ତୁ ଭୟରେ ନିହାତି ସାହାରା ପାଲଟି ଥାନ୍ତି ବାପା କିମ୍ବା ମା । କହିବାକୁ ଗଲେ ଗାଁକୁ ଯିବାକୁ ହେଲେ ଭଲ ରାସ୍ତା ଖଣ୍ଡେ ନାହିଁ,ଅଙ୍ଗନ ୱାଡି କେନ୍ଦ୍ର, ବିଦ୍ୟାଳୟ, ପିଇବା ପାଣି, ଏମିତି ପ୍ରାୟ ସମସ୍ୟା ରୁ ବଂଚିତ ଏହି ଗ୍ରାମବାସୀ । ଏମିତି ପିଇବା ପାଣି ସମସ୍ୟା ଯୋଗୁଁ ବର୍ଷାଦିନେ ଏହି ନାଳ ପାଣି ପିଇ ଅନେକ ରୋଗ ରେ ଆକ୍ରାନ୍ତ ହେଇଥାନ୍ତି ଯଥା ଅଇଯା ନାଳ ଝାଡା, ଏବଂ ବହୁ ଲୋକେ ଥଣ୍ଡା ଖାସ ଲେସନ ପୁଲିଆ,ଏମିତି ସିକିସିତ ପାଇଁ ଯିବାକୁ ହେଲେ ଆମ୍ବୁଲାନ୍ସ ସୁବିଧା ନପାଇଁ ଏମିତି ଗାଁ ରେ ମଧ୍ୟ ମୃତ୍ୟୁ ବର୍ଣ୍ଣ କରିଥାନ୍ତି ଏବଂ କିଡ୍ନୀ ରୋଗରେ ମଧ ଆକ୍ରାନ୍ତ ହେଇଥାନ୍ତି । ଯାହା ଫଳରେ ସମସ୍ୟା ଉପରେ ସମସ୍ୟା ଦେଖାଦେଉଛି, ଏମିତି ପ୍ରତେକ ଇଲେକ୍ସନ ସମୟରେ ଆସନ୍ତି ଅନେକ ନେତା ନେତ୍ରୀ ସବୁ ସମସ୍ୟା ରୁ ଦୁରେଇ ଯିବେ କହି ପ୍ରତି ସୃତି ଦେଇଥାନ୍ତି ହେଲେ ଇଲେକ୍ସନ ସରିଗଲେ ଆଉ କେହି ଆସନ୍ତି ନାହିଁ ଏହା ବଡ଼ ବିଡମ୍ବନା ର ବିଷୟ । ସରକାରୀ ପ୍ରଶାସନିକ ଅଧିକାରୀ ମଧ କେହି ଏହି ଗାଁକୁ ଆସିବା ସ୍ୱପ୍ନର ବିଷୟ କ୍ଷ ଯଦି । କିଏ କେବେ ଆସନ୍ତି ତା ହେଲେ କଥା ବୁଲେଇ ଚାଲିଯାଆନ୍ତି । ତେଣୁ ଆମ ର କଣ ବଂଚିବାର ଅଧିକାର ନାହିଁ ଆମେ କଣ ଭୋଟ ଦେଉନାହୁଁ କି ବୋଲି ଗନ୍ଧି ଗୁଡା ଗ୍ରାମବାସୀ ଅଭିଯୋଗ କରିଛନ୍ତି ।



ବହୁତ ଦିନ ବେକାର ବସିଲାପରେ 'ହିମୁ' ବହୁତ କଷ୍ଟ କରି ଗୋଟେ କୁକୁଡା ଫାର୍ମ କରି କୁକୁଡ଼ା ପାଳିଲା।

'ହିମୁ' ଫାର୍ମ କରିବାର କିଛିଦିନ ପରେ ଜୀବଜନ୍ତୁମାନଙ୍କୁ ସୁରକ୍ଷା ଦେଉଥିବା ସଂସ୍ଥା 'ପେଟା'ରୁ କିଛି ଲୋକ ତା ଫାର୍ମ ଚେକ୍ କରିବା ପାଇଁ ଆସିଲେ।

ପେଟା କର୍ମଚାରୀ- କୁକୁଡ଼ାମାନଙ୍କୁ କ'ଣ ଖାଇବାକୁ ଦଉଛ ?

'ହିମୁ'- ମୁଁ ଯାହା ଥାଏ ତାଙ୍କୁ ସେୟା ଖାଇବାକୁ ଦିଏ। ଯେମିତିକି ଭାତ, ମୁଢି, ଚୁଡା, ରୁଟି ଇତ୍ୟାଦି।

'ପେଟା' କର୍ମଚାରୀ- ବିରକ୍ତ ହେଇ କହିଲେ ଏସବୁ ଖାଦ୍ୟ କୁକୁଡ଼ାମାନଙ୍କ ପାଇଁ ଅସାସ୍ଥ୍ୟକର। ଏସବୁ ଖାଇଲେ ସେମାନଙ୍କ ସ୍ୱାସ୍ଥ୍ୟ ଖରାପ ହଉଛି। ଜୀବଜନ୍ତୁ ମାନଙ୍କୁ ଏଭଳି ଅତ୍ୟାଚାର କରୁଥିବାରୁ ସେମାନେ 'ହିମୁ' ଉପରେ ୨୦ ହଜାର ଫାଇନ୍ ଲଗାଇଲେ। ବିଚରା 'ହିମୁ' କାନନାକ ମୋଡି ହୋଇ ଫାଇନ୍ ଭରିଲା।

ପୁଣି ୬ ମାସ ପରେ 'ପେଟା'ର କର୍ମଚାରୀମାନେ ଆସି ପହଞ୍ଚିଲେ।

'ପେଟା' କର୍ମଚାରୀ - କୁକୁଡ଼ାମାନଙ୍କୁ କ'ଣ ଖାଇବାକୁ ଦଉଛ ?

'ହିମୁ'- ଆଜ୍ଞା କାଜୁ ବାଦାମ, ପେସ୍ତା ବାଦାମ, କିସ୍‌ମିସ୍ ଓ ବିଭିନ୍ନ ପ୍ରକାରର ଡ୍ରାଏଫ୍ରୁଡ୍ ଦଉଛି।

ପେଟା କର୍ମଚାରୀ- ବିରକ୍ତ ହୋଇ କହିଲେ କୁକୁଡ଼ାମାନେ କ'ଣ ଏ ଖାଦ୍ୟ ହଜମ କରିପାରିବେ ? ତାଙ୍କର ପେଟ ଖରାବ ହେବ ଓ ସେମାନେ କଷ୍ଟ ପାଇବେ। ତେଣୁ ପୁଣିଥରେ 'ହିମୁ' ଉପରେ ୨୦ ହଜାର ଫାଇନ୍ ହେଲା, ଜୀବଜନ୍ତୁମାନଙ୍କୁ ଅତ୍ୟାଚାର କରିଥିବାରୁ। ବିଚରା 'ହିମୁ' ଏଥର ବି କାନନାକ ମୋଡି ହୋଇ ଫାଇନ୍ ଭରିଲା।

ପୁଣିଥରେ ଓ ୩ ମାସ ପରେ 'ପେଟା' କର୍ମଚାରୀମାନେ 'ହିମୁ' କୁକୁଡା ଫାର୍ମରେ ପଞ୍ଚିଗଲେ।

'ପେଟା' କର୍ମଚାରୀ- କୁକୁଡାମାନଙ୍କୁ କ'ଣ ଖାଇବାକୁ ଦଉଛ ?

'ହିମୁ'- ଆଜ୍ଞା କିଛି ଖାଇବାକୁ ଦଉନାହିଁ।

ପ୍ରତିଦିନ ସକାଳୁ ଜର ଜଣ କରି ସବୁ କୁକୁଡ଼ାମାନଙ୍କୁ ୧୦ ଟଙ୍କା ଧରେଇ ଦଉଛି। ସେମାନାଙ୍କ ଯାହା ଇଚ୍ଛା ହେଉଛି ସେମାନେ କିଣିକି ଖାଉଛନ୍ତି ତେଣୁ ମୁଁ ଆଉ ଫାଇନ୍ ଭରିବି ନାହିଁ।

**ସଂଗୃହୀତ : ଜ୍ୟୋତିରଞ୍ଜନ ମହାନ୍ତି**

# ରେଳ ମନ୍ତ୍ରଣାଳୟର ସମର୍ଥନରେ, ୨୦୨୫ ଖରିଫ ଏବଂ ରବିରେ ସାର ଯୋଗାଣ ଗତି ପାଇଛି

ଭୁବନେଶ୍ୱର : ଚାଷୀମାନଙ୍କୁ ସମୟାନୁସାରେ ସାର ଯୋଗାଇବା ସରକାରଙ୍କ ପାଇଁ ଏକ ସର୍ବୋଚ୍ଚ ପ୍ରାଥମିକତା ହୋଇଛି। ଏଥିପାଇଁ, ଖରିଫ ଏବଂ ରବି ୨୦୨୫ ସମୟରେ ରେଳ ମନ୍ତ୍ରଣାଳୟ ଏବଂ ସାର ବିଭାଗ ମଧ୍ୟରେ ଉନ୍ନତ ସମନ୍ୱୟ ସ୍ପଷ୍ଟ ଭାବରେ ଦୃଶ୍ୟମାନ ହୋଇଥିଲା। ସାର ରେକର ଦ୍ରୁତ ଏବଂ ସୁଗମ ପରିବହନ ରାଜ୍ୟଗୁଡ଼ିକୁ ସମୟାନୁସାରେ ଯୋଗାଣ ସୁନିଶ୍ଚିତ କରିଥିଲା, ଯାହା ନିଶ୍ଚିତ କରିଥିଲା ଯେ ଚାଷୀମାନେ ଗୁରୁତ୍ୱପୂର୍ଣ୍ଣ ଚାଷ ଋତୁରେ କୌଣସି ଅଭାବର ସମ୍ମୁଖୀନ ନ ହୁଅନ୍ତି। ସାର ବିଭାଗ କହିଛି ଯେ ରେଳ ମନ୍ତ୍ରଣାଳୟ ସହିତ ଏହି ସହଯୋଗ ସେମାନଙ୍କୁ ଦେଶର ପ୍ରତ୍ୟେକ କୋଣରେ ପର୍ଯ୍ୟାପ୍ତ ସାର ପହଞ୍ଚିବା ସୁନିଶ୍ଚିତ କରିବାରେ ସକ୍ଷମ କରିଛି। ବିଭାଗ ବିଶ୍ୱାସ କରେ ଯେ ଏହି ଅଭୂତପୂର୍ବ ସମନ୍ୱୟ ଭାରତ ସରକାରଙ୍କ ଖାଦ୍ୟ ସୁରକ୍ଷା ପ୍ରତି ପ୍ରତିବଦ୍ଧତାକୁ ନୂତନ ଶିଖରରେ ପହଞ୍ଚାଇଛି।

ଏହି ସଫଳତା ଏହି ସତ୍ୟରୁ ଅନୁମାନ କରାଯାଇପାରେ ଯେ ୨୦୨୫ଜୁଲାଇରେ ପ୍ରତିଦିନ ହାରାହାରି ୭୨ ରେକ ଲୋଡିଂ ହୋଇଥିଲା, ଯାହା ଅଗଷ୍ଟରେ ୭୮ ଏବଂ ସେପ୍ଟେମ୍ବରରେ ୮୦କୁ ବୃଦ୍ଧି ପାଇଥିଲା। ଏହା ଗତ ପାଞ୍ଚଟି ଖରିଫ ଋତୁରେ ହାସଲ କରାଯାଇଥିବା ସର୍ବୋଚ୍ଚ ସ୍ତର ଥିଲା। ୨୦୨୫-୨୬ ଆର୍ଥିକ ବର୍ଷରେ, ଏପ୍ରିଲରୁ ଡିସେମ୍ବର ୨୦୨୫ ପର୍ଯ୍ୟନ୍ତ, ଦେଶର ସମସ୍ତ ରାଜ୍ୟରେ ପ୍ରମୁଖ ସାରର ପର୍ଯ୍ୟାପ୍ତ ଏବଂ ସନ୍ତୋଷଜନକ ଉପଲବ୍ଧତା ସୁନିଶ୍ଚିତ କରାଯାଇଥିଲା। ୟୁରିଆ ପାଇଁ ୩୧୨.୪୦ ଲକ୍ଷ ମେଟ୍ରିକ୍ ଟନ୍ ଆବଶ୍ୟକତା ସତ୍ତ୍ୱେ ୩୫୦.୪୫ ଲକ୍ଷ ମେଟ୍ରିକ୍ ଟନ୍ ଉପଲବ୍ଧତା ସୁନିଶ୍ଚିତ କରାଯାଇଥିଲା। ସେହିପରି, ପ୍ରମୁଖ ପି ଆଣ୍ଡ କେ ସାର (DAP, MOP Gaõ NPKS) ପାଇଁ ୨୫୨.୮୧ ଲକ୍ଷ ମେଟ୍ରିକ୍ ଟନ୍ ଆବଶ୍ୟକତା ସତ୍ତ୍ୱେ ୨୮୭.୬୯ ଲକ୍ଷ ମେଟ୍ରିକ୍ ଟନ୍ ଉପଲବ୍ଧତା ସୁନିଶ୍ଚିତ କରାଯାଇଥିଲା। ସାର ପରିବହନରେ ମଧ୍ୟ ଉଲ୍ଲେଖନୀୟ ଅଭିବୃଦ୍ଧି ଘଟିଛି। ଏପ୍ରିଲ ଏବଂ ଡିସେମ୍ବର ୨୦୨୫ ମଧ୍ୟରେ ମୋଟ ୫୩୦.୧୬ ଲକ୍ଷ ମେଟ୍ରିକ୍ ଟନ୍ ସାର ଯୋଗାଣ ହୋଇଥିଲା, ଯାହା ପ୍ରଥମ ଥର ପାଇଁ ୫୦୦ ଲକ୍ଷ ମେଟ୍ରିକ୍ ଟନ୍ ସୀମା ଅତିକ୍ରମ କରିଥିଲା। ଏହା ପୂର୍ବ ଆର୍ଥିକ ବର୍ଷ




୨୦୨୪-୨୫ (୪୭୨.୫୮ ଲକ୍ଷ ମେଟ୍ରିକ୍ ଟନ୍) ର ସମାନ ଅବଧି ତୁଳନାରେ ୧୨.୨ ପ୍ରତିଶତ ଅଧିକ ଏବଂ ୨୦୨୩-୨୪ ରେ ସ୍ଥାପନ କରାଯାଇଥିବା ପୂର୍ବ ରେକର୍ଡ ତୁଳନାରେ ୮.୫ ପ୍ରତିଶତ ଅଧିକ। ଏହି ସମୟ ମଧ୍ୟରେ ୟୁରିଆ ପାଇଁ ମୋଟ ୧୦,୮୪୧ ରେକ୍ ପରିଚାଳନା କରାଯାଇଥିଲା, ଯାହା ଗତ ବର୍ଷ ତୁଳନାରେ ପ୍ରାୟ ୮ ପ୍ରତିଶତ ବୃଦ୍ଧି। ଯେତେବେଳେ ଚଠକ ସାର (ଯେପରିକି DAP, MOP ଏବଂ NPKS) ପାଇଁ ୮,୮୦୬ ରେକ୍ ପରିଚାଳନା କରାଯାଇଥିଲା, ଯାହା ୨୦୨୪-୨୫ ଆର୍ଥିକ ବର୍ଷ ତୁଳନାରେ ପ୍ରାୟ ୧୮ ପ୍ରତିଶତ ବୃଦ୍ଧି ଦର୍ଶାଉଛି।

ଜୁଲାଇରୁ ଜାନୁଆରୀ (ଜାନୁଆରୀ ୧୩ ତାରିଖ ପର୍ଯ୍ୟନ୍ତ) ମାସିକ ତୁଳନା ସ୍ପଷ୍ଟ ଭାବରେ ଦର୍ଶାଉଛି ଯେ ଗତ ବର୍ଷର ସମାନ ସମୟ ତୁଳନାରେ ସାର ରେକ୍ ପରିବହନରେ ଏକ ସ୍ଥିର ଏବଂ ସ୍ଥିର ବୃଦ୍ଧି ଘଟିଛି। ରେଳ ମନ୍ତ୍ରଣାଳୟ, ବନ୍ଦର, ରାଜ୍ୟ ସରକାର ଏବଂ ସାର କମ୍ପାନୀଗୁଡ଼ିକ ମଧ୍ୟରେ ଉତ୍ତମ ସମନ୍ୱୟ ଯୋଗୁଁ ସାର ପରିବହନରେ ଏହି ଉନ୍ନତି ସମ୍ଭବ ହୋଇଥିଲା। ସମୟୋଚିତ ଯୋଜନା, ନିରନ୍ତର ତଦାରଖ ଏବଂ ସମନ୍ୱୟ ଚାଷୀମାନଙ୍କୁ ସାର ଉପଲବ୍ଧତା ସୁନିଶ୍ଚିତ କରିଥିଲା।

# ମହାଶିବରାତ୍ରୀରେ ଭୋର ୩ଟାରୁ ଖୋଲିବ ପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ଦ୍ୱାର

ଭୁବନେଶ୍ୱର: ଲିଙ୍ଗରାଜ ମହାପ୍ରଭୁଙ୍କ ଚଳିତ ବର୍ଷ ପ୍ରସିଦ୍ଧ ମହାଶିବ ରାତ୍ରି ପର୍ବ ଅବସରରେ ଖୋର୍ଦ୍ଧା ଜିଲ୍ଲାପାଳ ଅମ୍ରିତ ଋତୁରାଜଙ୍କ ଅଧକ୍ଷତାରେ ଏକ ସମନ୍ୱୟ କମିଟି ବୈଠକ ସର୍କିଟ ହାଉସ୍ ?ରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଭୁବନେଶ୍ୱର-ଏକାମ୍ର ବିଧାୟକ ବାବୁ ସିଂ, ଭୁବନେଶ୍ୱର ମହାନଗର ମେୟର ସୁଲୋଚନା ଦାସ, ସେବାୟତ, ମନ୍ଦିର ପ୍ରଶାସନ, ବିଭିନ୍ନ ସ୍ୱେଚ୍ଛାସେବୀ ସଂଗଠନ ଏବଂ ଅଧିକାରୀମାନେ ଉପସ୍ଥିତ ଥିଲେ। ବୈଠକ ପ୍ରାରମ୍ଭରେ ଭୁବନେଶ୍ୱର ଅତିରିକ୍ତ ଜିଲ୍ଲାପାଳ ରମେଶ ଚନ୍ଦ୍ର ଜେନା ସମସ୍ତଙ୍କୁ ସ୍ୱାଗତ କରିବା ସହ ସମନ୍ୱୟ ବୈଠକରେ ଚିଠା ପ୍ରସ୍ତାବ ଉପସ୍ଥାପନ କରିଥିଲେ। ଆସନ୍ତା ୧୫ ତାରିଖରେ ଜାଗର ପଡୁଥିବା ବେଳେ ଉକ୍ତ ଦିନ ପ୍ରାତଃ ୩ ଘଟିକା ସମୟରେ ମନ୍ଦିର ଖୋଲାଯାଇ ଆବଶ୍ୟକୀୟ ନୀତି କରାଯିବା ପାଇଁ ସମୟ ନିର୍ଦ୍ଧାରଣ କରାଯାଇଛି। ଏଥିପାଇଁ ଧାର୍ଯ୍ୟ ସମୟରେ ନୀତି ସମ୍ପାଦନ କରିବା ପାଇଁ ସମ୍ପୃକ୍ତ ସେବାୟତ ମାନଙ୍କ ସହଯୋଗ ଲୋଡ଼ାଯାଇଛି। ସେହିଭଳି ମନ୍ଦିର ଭିତରେ ଭକ୍ତ ମାନଙ୍କ ସୁବିଧା ପାଇଁ ବ୍ୟାରିକେଡିଂ, ସୌନ୍ଦର୍ଯ୍ୟକରଣ ବ୍ୟବସ୍ଥା କାର୍ଯ୍ୟ ପ୍ରତ୍ନତତ୍ତ୍ୱ ବିଭାଗ ଉପରେ ନ୍ୟସ୍ତ କରାଯାଇଛି। ଅନ୍ୟପକ୍ଷରେ ମନ୍ଦିର ଚାରିପାଖରେ ଆଲୋକୀକରଣ, ମୌନି ଘାଟ ସଫେଇ, ପ୍ରାଥମିକ ଚିକିତ୍ସା କେନ୍ଦ୍ର ଖୋଲିବା, ଆମ୍ବୁଲାନ୍ସ ମହଜୁଦ, ସାଇନେଜ ଓ ଅସ୍ଥାୟୀ ଶୌଚାଳୟ ନିର୍ମାଣ ପାଇଁ ବିଏମସିକୁ ଦାୟିତ୍ୱ ଦିଆଯାଇଛି। ସେହିଭଳି ଭକ୍ତଙ୍କ ପାଇଁ ସେଡ ନିର୍ମାଣ, ବିଦ୍ୟୁତ ସଂଯୋଗ, ପାନୀୟ ଜଳ ଯୋଗାଣ, ପୁଲିସ ମୁତୟନ, ଟ୍ରାଫିକ ନିୟନ୍ତ୍ରଣ ଓ ଶାନ୍ତି ଶୃଙ୍ଖଳା ରକ୍ଷା, ଅଗ୍ନି ନିର୍ବାପକ ବ୍ୟବସ୍ଥା, ସୂଚନା କେନ୍ଦ୍ର, ସ୍ୱାସ୍ଥ୍ୟ ଓ ପରିମଳ ବ୍ୟବସ୍ଥା, ଆଶୁ ଆରୋଗ୍ୟ କେନ୍ଦ୍ର ପ୍ରତିଷ୍ଠା, ରେଡ଼କ୍ରସ ଓ ଅନ୍ୟାନ୍ୟ ସ୍ୱେଚ୍ଛାସେବୀ ମୁତୟନ ଆଦି କରିବା ପାଇଁ ବୈଠକରେ ଆଲୋଚନା ହୋଇଛି। ଉକ୍ତ ବୈଠକରେ ଉଭୟ ବିଧାୟକ ଓ ମେୟର ଚଳିତ ବର୍ଷର ଜାଗର ଯାତ୍ରାକୁ ମହାଆଡ଼ମ୍ବରରେ ଶାନ୍ତିଶୃଙ୍ଖଳାର ସହ ପାଳନ କରିବା ପାଇଁ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ଭକ୍ତମାନଙ୍କ ପାଇଁ ଆବଶ୍ୟକୀୟ ବ୍ୟବସ୍ଥା କରିବା ପାଇଁ ମଧ୍ୟ ପରାମର୍ଶ ଦେଇଥିଲେ। ସେହିଭଳି ଜିଲ୍ଲାପାଳ ଅମ୍ରିତ ଋତୁରାଜ ମଧ ଦାୟିତ୍ୱ ସମ୍ପାଦନ କରିବା ପାଇଁ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଉକ୍ତ ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଭୁବନେଶ୍ୱର ଉପଜିଲ୍ଲାପାଳ ଡଃ ମନୋରଞ୍ଜନ ସାହୁ, ବିଭାଗୀୟ ଅଧିକାରୀ ଓ ବିଭିନ୍ନ ନିଯୋଗର କର୍ମକର୍ତ୍ତା ପ୍ରମୁଖ ଉପସ୍ଥିତ ଥିଲେ।




ଗୋଟିଏ ସପ୍ତାହରେ ଦୁଇଟି ଘଟଣା ସାମ୍ନାକୁ ଆସିଛି। ପ୍ରଥମଟି ହେଲା କୋରାପୁଟ ଜିଲାପାଳ ୭୭ତମ ସାଧାରଣତନ୍ତ୍ର ଦିବସ ପୂର୍ବରୁ ଜିଲାରେ ଆମିଷ ବିକ୍ରି ବନ୍ଦ କରିବା ସଂକ୍ରାନ୍ତରେ ଏକ ନିର୍ଦ୍ଦେଶନାମା ଜାରି କରିଥିଲେ। ସେଥିରେ ନିର୍ଦ୍ଦେଶ ଦିଆଯାଇଥିଲା ଯେ ଜିଲାର ସମସ୍ତ ତହସିଲଦାର, ବିଡିଓ ଏବଂ ନିର୍ବାହୀ ଅଧିକାରୀ ନିଜ କାର୍ଯ୍ୟ କ୍ଷେତ୍ରାଞ୍ଚଳରେ ଏହାକୁ କଡ଼ାକଡ଼ି ଲାଗୁ କରାଇବେ। ହେଲେ ଗଣମାଧ୍ୟମ ଓ ବିଶେଷକରି ସୋସିଆଲ ମିଡିଆରେ ବିରୋଧ କରାଯାଇ ଚାପ ପଡ଼ିବା ପରେ ସାଧାରଣତନ୍ତ୍ର ଦିବସ ଅବ୍ୟବହିତ ପୂର୍ବରୁ ଜିଲାପାଳ ଖସିବାର ବାଟ ନ ପାଇ ନିର୍ଦ୍ଦେଶନାମାକୁ ପ୍ରତ୍ୟାହାର କରିନେଇଥିଲେ। ଦ୍ୱିତୀୟ ଘଟଣାଟି ହେଲା ହାଓଡାରୁ କାମାକ୍ଷାକୁ ଚାଲୁଥିବା ବନ୍ଦେ ଭାରତ ସ୍ଲିପର ଟ୍ରେନ୍ ର ଖାଦ୍ୟ ତାଲିକାରେ ଏବେ ଆମିଷକୁ ସାମିଲ କରାଯିବା ନେଇ ନିଷ୍ପତ୍ତି ନିଆଯିବା। ପ୍ରସଙ୍ଗର ଟିକେ ପଛକୁ ଗଲେ ବୁଝାପଡ଼େ ଯେ, ଜାନୁଆରୀ ୧୭ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପଶ୍ଚିମବଙ୍ଗର ମାଲ୍ ଦାରୁ ହାଓଡା-ଗୁଆହାଟୀ (କାମାକ୍ଷା) ବନ୍ଦେ ଭାରତ ସ୍ଲିପର ଟ୍ରେନ୍‌କୁ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଏଥିରେ ନିରାମିଷ ଖାଦ୍ୟ କେବଳ ପରଷା ଯିବ ବୋଲି ବ୍ୟବସ୍ଥା ଥିଲା। ହେଲେ ପଶ୍ଚିମବଙ୍ଗରେ ଶାସକ ତୃଣମୂଳ କଂଗ୍ରେସ (ଟିଏମ୍‌ସି) ପକ୍ଷରୁ ଏଭଳି ନିଷ୍ପତ୍ତିକୁ ବିରୋଧ କରାଯାଇଥିଲା। ବଙ୍ଗାଳୀ ଲୋକଙ୍କ ଖାଦ୍ୟାଭ୍ୟାସ ଉପରେ ଜାଣିଶୁଣି ଆକ୍ରମଣ କରାଯାଉଛି ବୋଲି ଜୋର ପ୍ରତିବାଦ ମଧ୍ୟ ହେଲା। ଶେଷରେ ଅନନ୍ୟୋପାୟ ହୋଇ ରେଳ ମନ୍ତ୍ରଣାଳୟ ତା'ର ନିଷ୍ପତ୍ତି ବଦଳାଇଥିବା ଜଣାପଡ଼ିଛି। ଅର୍ଥାତ୍ ଏଣିକି ଏହି ଟ୍ରେନ୍ ଯାତ୍ରୀଙ୍କ ପାଇଁ ଖାଦ୍ୟ ତାଲିକାରେ ଆମିଷ ରହିବ ବୋଲି କୁହାଯାଇଛି। ଏଥିରୁ ଜଣାପଡୁଛି, ଏବକାର କେନ୍ଦ୍ର ସରକାର ନାଗରିକଙ୍କ ଦୈନନ୍ଦିନ ଜୀବନଶୈଳୀକୁ ବଦଳାଇବାର ଉଦ୍ୟମ କରିଚାଲୁଛନ୍ତି। ସ୍ୱୀକାର କରିବାକୁ ହେବ ଯେ, ହିନ୍ଦୀଭାଷୀ ଅଞ୍ଚଳଗୁଡ଼ିକରେ ଯଥା ଉତ୍ତରପ୍ରଦେଶ, ବିହାର, ହରିୟାଣା, ରାଜସ୍ଥାନ ଏପରିକି ଗୁଜରାଟ ଓ ମହାରାଷ୍ଟ୍ରରେ ସରକାର ମୁଣ୍ଡ ପୂରାଉଛନ୍ତି ଏବଂ ସେହିସବୁ ରାଜ୍ୟରେ ସଫଳତା ମଧ୍ୟ ପାଇପାରୁଛନ୍ତି। ତେବେ ଗୋଆ, ଉତ୍ତର-ପୂର୍ବାଞ୍ଚଳର ଅନେକ ରାଜ୍ୟରେ ଭାଜପା କ୍ଷମତାସୀନ ଥାଇ ମଧ୍ୟ ଖୋଲାରେ ଗୋମାଂସ ବିକ୍ରିକୁ ବନ୍ଦ କରିବାର ସତ୍ ସାହସ କରିପାରିନାହାଁନ୍ତି। ସେହିଭଳି ପଶ୍ଚିମବଙ୍ଗ ଏବଂ ଓଡ଼ିଶାରେ ସାଧାରଣ ଜୀବନଶୈଳୀରେ ଆଙ୍ଗୁଠି ଗେଞ୍ଜିବାର ଉଦ୍ୟମ ଏପର୍ଯ୍ୟନ୍ତ ସଫଳତା ପାଇପାରିନାହିଁ। ଦେଖିବାକୁ ଗଲେ ନିରାମିଷ ଖାଉଥିବା ବ୍ୟକ୍ତି ସାତ୍ତ୍ୱିକ ଜୀବନଯାପନ କରିବାର ସମ୍ଭାବନା ଅଧିକ। କିନ୍ତୁ ମଣିଷ ଜାତି ମାଂସାଶୀ। ମଣିଷ ଦ୍ୱାରା ଚାଷ କାର୍ଯ୍ୟ ଆରମ୍ଭ ହେବା ପୂର୍ବରୁ କେବଳ ଫଳମୂଳ ଓ ମାଛମାଂସ ଖାଇ ମଣିଷଜାତି ବଞ୍ଚୁଥିଲା। ଚାଷ ପଦ୍ଧତି ଶିଖିବା ପାଇଁ ଅନେକ ହଜାର ବର୍ଷ ବିତିଯାଇଥିଲା। ଗୋଟେ ପଟେ ଆମିଷ ଖାଇବାକୁ ପ୍ରୋତ୍ସାହନ ଦେବା ଉଚିତ ନୁହେଁ। ଅନ୍ୟପଟେ ପ୍ରତ୍ୟେକ ନାଗରିକ ବ୍ୟକ୍ତିଗତ ସ୍ୱାଧୀନତା ବଳରେ ଖାଇବା, ପିଇବା, ପୋଷାକ ପିନ୍ଧିବା, ଗମନାଗମନ ସହିତ ପାରିବାରିକ ଜୀବନଶୈଳୀରେ ସରକାରଙ୍କର କୌଣସି ପ୍ରକାରର କଟକଣା ବା ନିୟମାବଳୀ କେବେ ହେଲେ ଗ୍ରହଣୀୟ ହୋଇପାରିବ ନାହିଁ। ଏହାର ମୂଳ କାରଣ ହେଲା ଭାରତ ଏକ ବିରାଟ ଦେଶ। ୧୯୪୭ ପୂର୍ବରୁ ଏହା ଗୋଟିଏ ଦେଶ ନ ଥିଲା। ରାଜରାଜୁଡ଼ା ଓ ବିଦେଶୀ ଶାସନ ପରେ ଗଣତାନ୍ତ୍ରିକ ପଦ୍ଧତିରେ ଏହି ଦେଶର ପ୍ରଶାସନ ଯଦି ଚାଲୁଥାଏ, ତେବେ ପ୍ରଥମ ବିଷୟଟି ହେଉଛି ଏହା ଗୋଟିଏ ଦେଶ, ଗୋଟିଏ ଭାଷା, ଗୋଟିଏ ଜାତି, ଗୋଟିଏ ଧର୍ମ, ଗୋଟେ ପ୍ରକାର ଖାଦ୍ୟକୁ ସ୍ୱୀକାର କରେ ନାହିଁ। ତେଣୁ ଏଭଳି କୌଣସି ଜଣେ ବ୍ୟକ୍ତି ବା ଦଳ ନାହିଁ, ଯିଏ ସମଗ୍ର ଦେଶକୁ ଗୋଟିଏ ଢାଞ୍ଚାରେ ଚଳାଇପାରିବ। ସେଭଳି ଉଦ୍ୟମ ଯଦି କୌଣସି ନେତା ବା ରାଜନୈତିକ ଦଳ କରନ୍ତି, ତାହା ହେଲେ ତାଙ୍କ ବିନାଶ ସୁନିଶ୍ଚିତ। ■

# ହନୁମାନ

■ ବାବାଜୀ ଚରଣ ଦାସ...

ରାବଣ ଜଣ ଜଣ କରି ପଞ୍ଚ ସେନାପତିମାନଙ୍କୁ କହିଲେ, ତୁମେମାନେ ଚାହିଁଲେ ଇନ୍ଦ୍ରଙ୍କୁ ଜୟ କରିପାର। ସାମାନ୍ୟ ବାନରକୁ ଧରି ଆଣ। ସେନାପତିମାନଙ୍କୁ ପଠାଇ ଦେଇ ରାବଣ ଭାବିଲେ, ବାନର ବୋଲି ବିଶ୍ୱାସ ହେଉ ନାହିଁ। ଯଦି ବାନର କୁଳରେ ଜନ୍ମ ହୋଇଥାନ୍ତା, ତେବେ ଲଙ୍କାପୁରର ଦାନବମାନଙ୍କୁ ନିହତ କରିପାରନ୍ତା କି? ଇନ୍ଦ୍ରାଦି ତ୍ରିତଶ କୋଟି ଦେବତାମାନଙ୍କୁ ଅସୁରମାନଙ୍କ ଦ୍ୱାରା ଜୟ କଲି। ତେଣୁ ଇନ୍ଦ୍ର ମୋଠାରେ ଶତ୍ରୁଭାବ ରଖି କୂଟ ପାଞ୍ଚିଥିବ। ମୋତେ ଜଣା ନପଡିବା ପାଇଁ କୌଣସି ଦେବତାଙ୍କୁ ଇନ୍ଦ୍ର ବାନର ରୂପେ ପଠାଇ ଥିବ। ନହେଲେ ଛାର ମର୍କଟ ମଧୁବନ ଭାଙ୍ଗି ଦୈତ୍ୟମାନଙ୍କୁ ମାରିଦେଇ ପାରନ୍ତା କି? ଯାହା ମୁଁ ଦେଖୁଛି, ବାଳୀ ସୁଗ୍ରୀବ ମାନଙ୍କଠାରୁ ଏହି ବାନର ଅଧିକ ଶକ୍ତିମାନ। ହେ ପଞ୍ଚବୀର! ତୁମ୍ଭେମାନେ ସାବଧାନ ହୋଇ ସେହି ବାନର ସହିତ ଯୁଦ୍ଧ କରିବ। ଶତ୍ରୁକୁ ସାମାନ୍ୟ ବିଚାର କଲେ, ଯେତେ ବଡ଼ ବୀର ହେଲେ ମଧ୍ୟ ବିପଦରେ ପଡନ୍ତି। ବୀର ପାଞ୍ଚଜଣ ରାବଣକୁ ଯଥା ଆଜ୍ଞା କହି ଯୁଦ୍ଧକୁ ବାହାରିଲେ। ସେମାନେ ରଥ ଆରୋହଣ କରି ଚତୁରଙ୍ଗ ସେନା ଧରି ନାନାବିଧ ଅସ୍ତ୍ରଶସ୍ତ୍ର ରଥ ଉପରେ ରଖିଲେ।



ସେମାନେ ଅଶୋକ ବନରେ ପହଞ୍ଚି ଦେଖିଲେ ହନୁମାନ ତୋରଣ ଖମ୍ବରେ ନିର୍ଭୟରେ ସିଂହ ପରି ବସିଛନ୍ତି। ପୂର୍ବାଚଳରେ ସୂର୍ଯ୍ୟ ନାରାୟଣ ଉଦୟ ହେଲା ଭଳି ସେହି ଖମ୍ବରେ ହନୁମାନ ବସିଥିଲେ। ତାଙ୍କୁ ଦେଖି ଅସୁରମାନେ ପିମ୍ପୁଡ଼ି ସମ ଘେରିଗଲେ। ତାଙ୍କ ବୁଦ୍ଧି, ପରାକ୍ରମ ଓ ସାହସ ଦେଖି ରାକ୍ଷସମାନେ ଭୟ କଲେ। ତଥାପି ମାର ମାର ବୋଲି ଚିତ୍କାର କରି ଅସ୍ତ୍ରଶସ୍ତ୍ରରେ ଅସୁରମାନେ ଆଘାତ କରନ୍ତେ ହନୁମାନଜୀ ହସହସ ମୁହଁ ଦେଖାଇଲେ। ପାଞ୍ଚ ସେନାପତିଙ୍କ ଶରରେ ପବନ ପୁତ୍ର ହନୁମାନଙ୍କ ମସ୍ତକ ଉପରେ ପାହାଡ଼ ସମାନ ଅସ୍ତ୍ର ଜମା ହୋଇଗଲା। ସେ ଆଘାତରେ ବ୍ୟଥା ପାଇ ପବନପୁତ୍ର ପ୍ରଳୟ ବାରିଦ ପରି ଗର୍ଜନ କଲେ। ତାହା ଦେଖି ଦୁର୍ଦ୍ଧର୍ଷ ନାମକ ଦୈତ୍ୟବୀର ହନୁମାନଙ୍କୁ ବଧ କରିବା ପାଇଁ ଅଗ୍ରସର ହେଲେ। କୋପରେ ଆଖି ଲାଲଲାଲ କରି ମେଘ ପରି ଶର ବର୍ଷା କଲା। ସେ ବାଣରେ ସୂର୍ଯ୍ୟ ତେଜ ରୁଦ୍ଧ ହୋଇ ଦଶଦିଗ ଅନ୍ଧାର ଦିଶିଲା। ପବନପୁତ୍ର ହନୁମାନଙ୍କ ସର୍ବାଙ୍ଗରେ ବାଣ ବାଜି ଲୋମକୁପମାନଙ୍କରେ ଲାଗି ରହିଲା। ହନୁମାନ ନିଜ କାୟା ବିସ୍ତାର କରି ଶୂନ୍ୟପଥରେ ଡେଇଁ ସିଂହନାଦ କଲେ। ବିଜୁଳି ପରି ଦୁର୍ଦ୍ଧର୍ଷର ରଥ ଉପରେ ଖସିପଡିଲେ। ହନୁମାନଜୀ ପଦାଘାତରେ ଦୁର୍ଦ୍ଧର୍ଷର ରଥ ଚକ ଭାଙ୍ଗିଲେ। ବିଧା ମାରି ସାରଥି ଘୋଡ଼ାମାନଙ୍କୁ ବଧ କଲେ। ତା' ସହିତ କ୍ରୋଧରେ ଯୁଆଳି ଅଖ ଭାଙ୍ଗିଲେ। ଦୁଇଖଣ୍ଡ ହୋଇ ରଥ ଭୂମିରେ ପଡ଼ିଲା। ରଥରୁ ପଡ଼ି ସେହି ରାକ୍ଷସ ଗଦା ଧରି ଠିଆ ହେଲା। ତାହା ଦେଖି ଅଞ୍ଜନା ନନ୍ଦନ ପର୍ବତ ଭଳି ଆକାର ହୋଇ ଦୁର୍ଦ୍ଧର୍ଷ ଅସୁରକୁ ମାଡ଼ି ବସିଲେ। ସେହି ରାକ୍ଷସ ଘୋର ରଡ଼ି କରି ପ୍ରାଣ ଛାଡ଼ିଲା। ସେ ତଳେ ପଡିବାର ଦେଖି ବିରୁପାକ୍ଷ ଓ ଯୁପାକ୍ଷ ରାକ୍ଷସ ମୁଦୁଗର ଧରି ରଥରୁ ଡେଇଁଲେ। ହନୁମାନ ସେହିଭଳି ତାଙ୍କ ଆଗରେ ମତ୍ତ ସିଂହ ପ୍ରାୟେ ଛିଡ଼ା ହେଲେ। ସେହି ଦୁଇ ଦାନବ ମୁଦ୍ଗର ବୁଲାଇ ହନୁମାନଙ୍କୁ ପ୍ରହାର କରିବାକୁ ଉଦ୍ୟତ ହେଲେ। ବାୟୁସୁତ ହନୁମାନ ଗରୁଡ଼ଙ୍କ ପରି ଆକାଶକୁ ଉଠିଗଲେ। ମୁଦ୍ଗରରୁ ନିଜକୁ ସମ୍ଭାଳି ଏକ ଶାଳଗଛ ଉପାଡ଼ି ବୁଲାଇ ବୁଲାଇ କ୍ରୋଧରେ ପ୍ରହାର କଲେ। ସେହି ପ୍ରହାରରେ ଦୈତ୍ୟ ଦୁଇଜଣ ପ୍ରାଣ ଛାଡ଼ିଲେ। ଏହା ଦେଖି ଭାସକର୍ଣ୍ଣ ଓ ପ୍ରଘସ ଦୁଇଜଣ ଶୂଳ ଧରି ଅତ୍ୟନ୍ତ କ୍ରୋଧିତ ହୋଇ ଧାଇଁଲେ। ମାରୁତି ବକ୍ଷରେ ଶୂଳ ପ୍ରହାରିଲେ। ତାଙ୍କ ବକ୍ଷସ୍ଥଳ ବଜ୍ରଠାରୁ ଅଧିକ କଠିନ ହୋଇଥିବାରୁ ଦୁଇଟିଯାକ ଶୂଳ ଟିକିଏ ବି ଭେଦିଲା ନାହିଁ। ଶୂଳ ବ୍ୟର୍ଥ ହେବା ଦେଖି ଭାସକର୍ଣ୍ଣ ଗଦା ଧରି ପ୍ରଖର ବେଗରେ ପିଟିବା ସମୟରେ ହନୁମାନ ସେହି ଗଦାକୁ ଧରି ନେଇ ଦୁଇ ଗଡ କରିଦେଲେ। ପ୍ରଘସ ଦୈତ୍ୟ ଅତି ରାଗରେ ଧାଇଁ ଯାଇ ଖଡ୍ଗରେ ହନୁମାନଙ୍କ ଅଙ୍ଗରେ ପ୍ରହାର କଲା। ସେହି ସମୟରେ ଭାସକର୍ଣ୍ଣ ମୁଦ୍ଗର ଆଣି ପିଟିଲା। ହନୁମାନଜୀ ରୁଧିର ଜର୍ଜରିତ ହୋଇ ସକାଳର ଉଦିତ ସୂର୍ଯ୍ୟଙ୍କ ପରି ତେଜମୟ ଦେଖାଗଲେ। ମାରୁତି ଗୋଟିଏ ପର୍ବତ ଉପାଡି ଚକ୍ର ପରି ବୁଲାଇଲେ। ମୃଗ ବ୍ୟାଜ ଆଦି ଜୀବ ସେଥିରେ ପୂରିଥିଲେ। ସେହି ପର୍ବତକୁ ଦୁଇ ସେନାପତିଙ୍କ ଶିରରେ କଚାଡ଼ି ଦେଲେ। ସେ ପର୍ବତ ପ୍ରହାରରେ ଦୈତ୍ୟ ଦୁଇଜଣଙ୍କର ଶିରଠାରୁ ପାଦ ପର୍ଯ୍ୟନ୍ତ ସବୁ ଅଙ୍ଗ ଚୁର୍‌ମାର୍ ହୋଇଗଲା। ଏହିଭଳି ପଞ୍ଚ ସେନାପତିଙ୍କୁ ସଂହାର କରି ଦାନବସୈନ୍ୟମାନଙ୍କ ମଧ୍ୟରେ ପଶିଲେ। ମତ୍ତଗଜ ପଦ୍ମବନ ମନ୍ଥିଲା ଭଳି ଦାନବସେନାଙ୍କୁ ନିଧନ କଲେ। ହସ୍ତୀ ଉପରେ ହସ୍ତୀ, ଘୋଡ଼ା ଉପରେ ଘୋଡ଼ା, ରଥ ଉପରେ ରଥ ରଖି ପିଟିଲେ। କେଉଁ ଦୈତ୍ୟକୁ ବୁଲାଇ ବୁଲାଇ ଛାଟିଦେବାରୁ ସେ ସମୁଦ୍ରରେ ଯାଇ ପଡିଲା। କାହାକୁ ପାଦରେ ଦଳି ଚକଟିଦେଲେ ତ କାହାକୁ ଅନ୍ୟ କୌଣସି ଉପାୟରେ ବଧ କଲେ। ରାକ୍ଷସମାନଙ୍କୁ ସଂହାର କରି ହନୁମାନଜୀ ପୁନଶ୍ଚ ସେହି ଖମ୍ବ ଉପରେ ଯାଇ ବସିଲେ। ଦୂତ ଯାଇ ପ୍ରଖର ବେଗରେ ରାବଣକୁ ଖବର ଦେଲା।

● ପଞ୍ଚସଖା ନଗର, ଡୁମୁଡୁମା, ଭୁବନେଶ୍ୱର
ବର୍ତ୍ତମାନ ନୋଇଡାରେ

# ବ୍ୟୟବହୁଳ ନିର୍ବାଚନ ରଣକ୍ଷେତ୍ର

■ ସୌଭାଗ୍ୟ ରଂଜନ ମହାନ୍ତି...

ଭାରତରେ ନିର୍ବାଚନ ସବୁବେଳେ ପ୍ରତିଯୋଗିତାମୂଳକ। କିନ୍ତୁ ନିକଟରେ ପ୍ରକାଶିତ ଆର୍ଥିକ ବ୍ୟୟ ଦର୍ଶାଉଛି ଯେ, ନିର୍ବାଚନ ପ୍ରତିଯୋଗିତାରେ ଏବେ ଅସମାନତା ବୃଦ୍ଧି ପାଇବାରେ ଲାଗିଛି। ଭାରତର ନିର୍ବାଚନ କମିଶନଙ୍କୁ ଦିଆଯାଇଥିବା ତଥ୍ୟରୁ ଗତ ଦଶନ୍ଧି ମଧ୍ୟରେ ବିଜେପି ଓ କଂଗ୍ରେସ ମଧ୍ୟରେ ନିର୍ବାଚନ ବ୍ୟୟରେ ବ୍ୟବଧାନ କ୍ରମଶଃ ବୃଦ୍ଧି ପାଇବରେ ଲାଗିଛି। ଯାହାକି ଭାରତରେ ନିର୍ବାଚନ ପ୍ରତିଯୋଗୀତାର ଭବିଷ୍ୟତ ଚରିତ୍ର ନେଇ ଗୁରୁତ୍ୱପୂର୍ଣ୍ଣ ପ୍ରଶ୍ନ ସୃଷ୍ଟି କରେ। ଗତ ୨୦୧୪ ସାଧାରଣ ନିର୍ବାଚନରେ ବିଜେପିର ନିର୍ବାଚନ ବ୍ୟୟ ୯୨୫ କୋଟି ଟଙ୍କା ହୋଇଥିବାବେଳେ କଂଗ୍ରେସ ୫୮୨ କୋଟି ଟଙ୍କା ବ୍ୟୟ କରିଥିବା ନିର୍ବାଚନ କମିଶନଙ୍କୁ ପ୍ରଦତ ତଥ୍ୟରୁ ଜଣାଯାଇଛି। ଏହାର ପାଂଚ ବର୍ଷ ପରେ ଅର୍ଥାତ ୨୦୧୯ ସାଧାରଣ ନିର୍ବାଚନରେ ବିଜେପିର ନିର୍ବାଚନ ବ୍ୟୟ ୧୩୫୨ କୋଟିକୁ ବୃଦ୍ଧି ପାଇଥିବାବେଳେ କଂଗ୍ରେସ ୮୬୪ କୋଟି ଟଙ୍କା ବ୍ୟୟ କରିଥିଲା। ସେହିପରି ୨୦୨୪ ସାଧାରଣ ନିର୍ବାଚନରେ ବିଜେପି ନିର୍ବାଚନ ଓ ପ୍ରଚାରରେ ୩୩୫୫ କୋଟି ବ୍ୟୟ କରିଥିବା ସମୟରେ କଂଗ୍ରେସ ୮୯୬ କୋଟି ଟଙ୍କା ବ୍ୟୟ କରିଥିବା ନିର୍ବାଚନ କମିଶନଙ୍କୁ ପ୍ରଦାନ କରିଥିବା ରିପୋର୍ଟ କହେ। ଉଲ୍ଲେଖଯୋଗ୍ୟ ଯେ, କ୍ଷମତାସୀନ ଦଳର ନିର୍ବାଚନ ବ୍ୟୟ ମୁଖ୍ୟ ବିରୋଧି ଦଳର ବ୍ୟୟ ତୁଳନାରେ ୪ଗୁଣରୁ ଅଧିକ ହୋଇଛି। ଏହା ନିସନ୍ଦେହ ଯେ, ଦେଶରେ ନିର୍ବାଚନ ଏବେ ଏତେ ବ୍ୟୟ ବହୁଳ ହୋଇଯାଇଛି ଯେ, ସାଧାରଣ ବ୍ୟକ୍ତିମାନଙ୍କର ଆଉ ନିର୍ବାଚନର ସ୍ଥାନ ନଥିବା ମନେହୁଏ। କହିବା ବାହୁଲ୍ୟ ଯେ, ଆମ ଦେଶରେ ନିର୍ବାଚନ ପ୍ରଚାର ଏବେ ଆଉ ପୋଷ୍ଟର, ସଭାସମିତି ଏବଂ ଶୋଭାଯାତ୍ରା ମଧ୍ୟରେ ସୀମିତ ହୋଇ ରହିନାହିଁ। ନିର୍ବାଚନଗୁଡିକ ଏବେ ଅତ୍ୟାଧୁନିକ ପ୍ରଯୁକ୍ତିବିଦ୍ୟା ସମ୍ପନ୍ନ ପ୍ରଚାର, ବିଜ୍ଞାପନ ପ୍ରଚାର, ବୈଦ୍ୟୁତିକ ଗଣମାଧ୍ୟମ, ବ୍ୟୟବହୁଳ ଯାତ୍ରା, ଶୋଭଯାତ୍ରା, ଭୋଟଦାତାଙ୍କୁ ଆକର୍ଷିତ କରିବା ଚିତାକର୍ଷକ କାର୍ଯ୍ୟକ୍ରମ ଏବଂ ଭୋଟଦାତାଙ୍କ ମତାମତ ଜାଣିବା ଲାଗି ସ୍ୱତନ୍ତ୍ର ବୈଷୟିକ ଟିମ୍ ଆଦି ଗଠନ କରାଯାଇଛି। ଯାହା ଅତ୍ୟନ୍ତ ବ୍ୟୟବହୁଳ। କେବଳ ଏତିକି ନୁହେଁ, ନିର୍ବାଚନ ସମୟ ଆସିଲେ ଆମ ଦେଶରେ ଗାଁ ଗହଳି ଠାରୁ ଆରମ୍ଭ କରି ସହର ପର୍ଯ୍ୟନ୍ତ ଗଳି କନ୍ଦିରେ ଭୋଜି ଭାତର ଆସନ ଜମି ଉଠେ। ଏସବୁ ପାଇଁ ଅତ୍ୟଧିକ ଅର୍ଥ ଆବଶ୍ୟକ ହେଉଥିବାବେଳେ ରାଜନୈତିକ ଦଳଗୁଡିକ ବିଭିନ୍ନ ସୂତ୍ରରୁ ପାଣ୍ଠି ସଂଗ୍ରହ କରିଥାନ୍ତି। ଆହୁରି ମଧ୍ୟ ବିଭିନ୍ନ ଦଳର ପ୍ରାର୍ଥୀ ଚୟନ ବେଳେ ଆର୍ଥୀକ ସାମର୍ଥ୍ୟକୁ ମୁଖ୍ୟ ମାନଦଣ୍ଡ ଭାବେ ଗ୍ରହଣ କରାଯାଉଥିବା ନିସନ୍ଦେହରେ କୁହାଯାଇପାରେ। କିନ୍ତୁ ଏହା ନିସନ୍ଦେହ ଯେ, ବ୍ୟୟବହୁଳ ନିର୍ବାଚନ ପ୍ରଚାର ସବୁବେଳେ ବିଜୟର ମାପକାଠି ହୋଇନଥାଏ। ରାଜ୍ୟ ବିଧାନସଭା ନିର୍ବାଚନ ହେଉଛି ଏହାର ଜ୍ୱଳନ୍ତ ଉଦାହରଣ। ବ୍ୟୟବହୁଳ ନିର୍ବାଚନ ପ୍ରଚାର ସ୍ଥାନୀୟ ନେତୃତ୍ୱ, ଶାସନ ରୀତିର ରେକର୍ଡ, କିମ୍ବା ସାମାଜି ବନ୍ଧନ, ସମ୍ପର୍କ ନିକଟରେ ଫିକା ପଡିଥାଏ। ନୋଟ ବଦଳରେ ଭୋଟ କିଣା ସମ୍ଭବ ହୋଇନଥାଏ। ଟଙ୍କା ସବୁବେଳେ ବିଜୟର ସୂଚକ ହୋଇନଥାଏ। ଆମ ଦେଶରେ ଏବେ ଭୋଟ ପାଇଁ ନୋଟ ବଂଟନ ଏକ ପରମ୍ପରାରେ ପରିଣତ ହୋିଛି। ନୋଟ ବଦଳରେ ଭୋଟ ଏବେ ଭୋଟଦାତାଙ୍କର ଏକ ମାନସିକତାରେ ପରିଣତ ହୋଇଛି ବୋଲି କହିଲେ ଅତିରଂଜିତ ହେବ ନାହିଁ। ଆହୁରି ମଧ୍ୟ କ୍ଷମତା ଦଖଲ ପାଇଁ ଶାସକ ଦଳ ନିର୍ବାଚନ ପୂର୍ବରୁ ଭୋଟଦାତାଙ୍କୁ ସ୍ୱତନ୍ତ୍ର ଯୋଜନା ଦ୍ୱାରା ନଗଦ ଟଙ୍କା ବାଂଟିବା, ମାଗଣା ସାମଗ୍ରୀ ବଂଟନ, ମାଗଣା ଯୋଜନା ରାଜନୈତିକ ଦଳମାନଙ୍କର ମୁଖ୍ୟ ଆୟୁଦ୍ଧ ହୋଇଛି। ଏଥିରେ ଦ୍ୱିରୁକ୍ତି ନାହିଁ ଯେ, ଅତୀତରେ ଦଳର ଆଦର୍ଶ, ବ୍ୟକ୍ତି ଚରିତ୍ରକୁ ଦୃଷ୍ଟିରେ ଭୋଟଦାତା ଲୋକପ୍ରତିନିଧିଙ୍କୁ ଚୟନ କରୁଥିଲା। ଏବେ କିନ୍ତୁ ନୋଟ ନିକଟରେ ଏହି ମାନସିକତାର ବିଲୟ ଘଟିଛି। ନିର୍ବାଚନ ଜିତିବା ପାଇଁ ଅର୍ଥ ସର୍ବସ୍ୱ ହୋଇଯାଇଛି। ଏଭଳି ଧାରାକୁ ଯଦି ନିୟନ୍ତ୍ରଣ କରାନଯାଏ, ତେବେ ଗଣତନ୍ତ୍ରର ପରିସର କେବଳ ସଂକୁଚିତ ହେବ ନାହିଁ, ନେତା, ନୀତି, ଆଦର୍ଶ ଏବଂ ନୈତିକତାର ବିଲୟ ଘଟିବ। ନୋଟ ନୁହେଁ, ନେତା, ନୀତି, ନୈତିକତା ଓ ଆଦର୍ଶକୁ ଭୋଟ ଦେଇ ଲୋକ ପ୍ରତିନିଧିଙ୍କୁ ବାଛିବାର ସମୟ ଆସିଛି। ଅନ୍ୟଥା ଗଣତନ୍ତ୍ର ବିପଦଗ୍ରସ୍ତ ହେବ, ଏଥିରେ ସନ୍ଦେହ ନାହିଁ।



● ଭୁବନେଶ୍ୱର
ମୋବାଇଲ ନଂ-୭୯୭୮୬୬୬୪୦୩

# ୫୪ନଂ ୱାର୍ଡରେ ୮ଟି ପ୍ରକଳ୍ପର ଶିଳାନ୍ୟାସ



■ **କଟକ :** କଟକ ମହାନଗର ନିଗମ ଅନ୍ତର୍ଗତ ୫୪ନଂ ୱାର୍ଡରେ ୮ଟି ପ୍ରକଳ୍ପର ଶିଳାନ୍ୟାସ ହୋଇଯାଇଛି । ସ୍ଥାନୀୟ କର୍ପୋରେଟର ତାପସ ରଞ୍ଜନ ସାମନ୍ତରାୟଙ୍କ ନେତୃତ୍ୱରେ ଅନୁଷ୍ଠିତ ଶିଳାନ୍ୟାସ ଉତ୍ସବରେ ଚୌଦ୍ୱାର କଟକ ବିଧାୟକ ସୌଭିକ ବିଶ୍ୱାଳ ମୁଖ୍ୟଅତିଥି ଭାବେ ଯୋଗଦେଇ ପ୍ରକଳ୍ପର ଶିଳାନ୍ୟାସ କରିଛନ୍ତି । ସିଏମସି ପକ୍ଷରୁ ନୂଆବଜାରସ୍ଥିତ ମହାବୀର ସୁଇଷ୍ଟଲ ନିକଟ ଲେନରେ ୧୫ଲକ୍ଷ ଟଙ୍କା ବ୍ୟୟରେ କଙ୍କ୍ରିଟ ରାସ୍ତା ଓ ଡ୍ରେନ, ଷ୍ଟେଟ ବ୍ୟାଙ୍କ ନିକଟ ଲେନରେ ୮ଲକ୍ଷ ଟଙ୍କା ବ୍ୟୟରେ ପେଭରବ୍ଲକ ରାସ୍ତା ଓ ଡ୍ରେନ, ଶିଶୁ ମନ୍ଦିର ନିକଟ ଲେନରେ ୮ଲକ୍ଷ ଟଙ୍କା ବ୍ୟୟରେ ପେଭରବ୍ଲକ ରାସ୍ତା ଓ ଡ୍ରେନ, ବିଶୋଇ କମ୍ପ୍ଲେକ୍ସ ନିକଟ ଲେନରେ ୫ଲକ୍ଷ ଟଙ୍କା ବ୍ୟୟରେ ପେଭରବ୍ଲକ ରାସ୍ତା ଓ ଡ୍ରେନ, ପୋତାପୋଖରୀସ୍ଥିତ ମହାବୀର ମନ୍ଦିର ଠାରୁ ସୁର ମହାନ୍ତିଙ୍କ ଘର ପର୍ଯ୍ୟନ୍ତ ୨୬ଲକ୍ଷ ଟଙ୍କା ବ୍ୟୟରେ ପେଭରବ୍ଲକ ରାସ୍ତା ଓ ଡ୍ରେନ, ଅନିଲ ଦାସଙ୍କ ଘର ଠାରୁ ଅଶୋକ ଦାସଙ୍କ ଘର ପର୍ଯ୍ୟନ୍ତ ୩ଲକ୍ଷ ଟଙ୍କା ବ୍ୟୟରେ ପେଭରବ୍ଲକ ରାସ୍ତା ଓ ଡ୍ରେନ ଏବଂ ଭାଗ୍ୟଧର ସାହୁଙ୍କ ଘର ଠାରୁ ରାମ ସାହୁଙ୍କ ଘର ପର୍ଯ୍ୟନ୍ତ ୫ଲକ୍ଷ ଟଙ୍କା ବ୍ୟୟରେ କଙ୍କ୍ରିଟ ଡ୍ରେନ ଏବଂ ବରୋଦା ବ୍ୟାଙ୍କ ଠାରୁ ଚନ୍ଦ୍ରିକା ଲେନ ପର୍ଯ୍ୟନ୍ତ ୧୫ଲକ୍ଷ ଟଙ୍କା ବ୍ୟୟରେ ପେଭରବ୍ଲକ ରାସ୍ତା ଓ ଡ୍ରେନ ଆଦି ନିର୍ମାଣ କରାଯିବ । ଏହି ଶିଳାନ୍ୟାସ କାର୍ଯ୍ୟକ୍ରମରେ ଗଗନ ସାହୁ, ଚନ୍ଦ୍ରକାନ୍ତ ସାହୁ, କଳିଙ୍ଗ ଦାସ, ଅତିଶ ଦାସ, ବିଜୟ ଦାସ, ରଞ୍ଜିତ ମହାନ୍ତି, କୃଷ୍ଣଚନ୍ଦ୍ର ମଲ୍ଲିକ, ଶ୍ରୀଧର ନାୟକଙ୍କ ସମେତ ବହୁ ସଂଖ୍ୟାରେ ୱାର୍ଡବାସୀ ଉପସ୍ଥିତ ଥିଲେ ।

## ପ୍ରଦୂଷଣ ପ୍ରମାଣପତ୍ର ନଥିଲେ ବି
# ଟାଙ୍କିରେ ତେଲ ମିଳିବ

■ **କଟକ :** ପ୍ରଦୂଷଣ ପ୍ରମାଣପତ୍ର ନଥିଲେ ଟାଙ୍କିରେ ଗାଡ଼ିକୁ ତେଲ ପକାଇବାକୁ ଅନୁମତି ନ ଦେବା ସଂପର୍କିତ ସରକାରୀ ନିଷ୍ପତ୍ତି ପ୍ରତ୍ୟାହାର କରାଯାଇଛି । ଏ ନେଇ ରାଜ୍ୟ ସରକାରଙ୍କ ତରଫରୁ ହାଇକୋର୍ଟଙ୍କୁ ଅବଗତ କରାଯାଇଛି । ଅନ୍ୟପଟେ ପ୍ରଦୂଷଣ ପରୀକ୍ଷା ପାଇଁ ପିୟୁସି କେନ୍ଦ୍ରକୁ ଯାଉଥିବା ଗାଡ଼ିଗୁଡ଼ିକ ପୂର୍ବରୁ ରହିଥିବା ଚାଲାଣ ପୈଠ କରିବା ପାଇଁ ବାଧ ନୁହେଁ ବୋଲି ହାଇକୋର୍ଟ କହିଛନ୍ତି ।



■ ପ୍ରଦୂଷଣ ପ୍ରମାଣପତ୍ରରେ ବାଧକ ହେବ ନାହିଁ ଚାଲାଣ ବାକି
■ ପରିବହନ ପୋର୍ଟାଲରେ ହେବ ସଂଶୋଧନ

ଚାଲାଣ ଥିଲେ ମଧ୍ୟ ଗାଡ଼ିକୁ ପ୍ରଦୂଷଣ ପ୍ରମାଣପତ୍ର ମିଳିବାରେ ଯେପରି କୌଣସି ବାଧା ସୃଷ୍ଟି ନ ହୁଏ ତାହା ସୁନିଶ୍ଚିତ କରାଯିବା ଉପରେ ହାଇକୋର୍ଟ ଗୁରୁତ୍ୱାରୋପ କରିଛନ୍ତି । ଏ ନେଇ ପରିବହନ ପୋର୍ଟାଲରେ ରହିଥିବା ବ୍ୟବସ୍ଥାରେ ସଂଶୋଧନ କରି ଜନସାଧାରଣଙ୍କୁ ଅବଗତ କରିବା ପାଇଁ ହାଇକୋର୍ଟ କହିଛନ୍ତି । ମାମଲାର ପରବର୍ତ୍ତୀ ଶୁଣାଣି ସମୟରେ ଏହି ପ୍ରସଙ୍ଗରେ ଗ୍ରହଣ କରାଯିବାକୁ ଥିବା ପଦକ୍ଷେପ ସଂକ୍ରାନ୍ତରେ ଅବଗତ କରିବାକୁ ସରକାରଙ୍କୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି । ଫେବ୍ରୁଆରି ୩କୁ ମାମଲାର ପରବର୍ତ୍ତୀ ଶୁଣାଣି ପାଇଁ ଧାର୍ଯ୍ୟ କରାଯାଇଛି । ମୁଖ୍ୟ ବିଚାରପତି ଜଷ୍ଟିସ୍ ହରିଶ ଟଣ୍ଡନ ଓ ଜଷ୍ଟିସ୍ ଏମ.ଏସ.ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ଆଇନଜୀବୀ ସ୍ନିଗ୍ଧା ପାତ୍ରଙ୍କ ଜନସ୍ୱାର୍ଥ ଆବେଦନର ଶୁଣାଣି କରି ଏହି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି । ଏ ନେଇ ଆବେଦନକାରୀଙ୍କ ତରଫରୁ ମାମଲା ପରିଚାଳନା କରୁଥିବା ଆଇନଜୀବୀ ରଞ୍ଜନ କୁମାର ରାଉତ ସୂଚନା ଦେଇଛନ୍ତି ।

# ରାଇପୁର ଗ୍ରାମରେ ସରସ୍ୱତୀ ପୂଜା

■ **କେନ୍ଦ୍ରାପଡା :** ଡେରାବିଶ ବ୍ଲକ ଅନ୍ତର୍ଗତ ବାରିମୂଳ ପଞ୍ଚାୟତର ରାଇପୁର ଗ୍ରାମରେ ବିଦ୍ୟାଦାତ୍ରୀ ମା' ସରସ୍ୱତୀଙ୍କ ପୂଜା ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ପ୍ରତ୍ୟେକ ସନ୍ଧ୍ୟାରେ ସାଂସ୍କୃତିକ ପାଲା, ଭଜନ ସନ୍ଧ୍ୟା ଆଦି



କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ଶହେ ବର୍ଷରୁ ଊର୍ଦ୍ଧ୍ୱ ଧରି ଏହି ଅନୁଷ୍ଠାନରେ ମା' ବିଦ୍ୟାଦାତ୍ରୀଙ୍କ ପୂଜା ନିର୍ବିଘ୍ନରେ ଅନୁଷ୍ଠିତ ହୋଇଆସୁଛି । ଅନୁଷ୍ଠାନର ଏକ ବିଶେଷତ୍ୱ ହେଉଛି ଓଡ଼ିଶାର ମହାନ୍ ଲୋକକଳା ପାଲା ସଂସ୍କୃତି ଧିରେ ଧିରେ ଲୋପ ପାଇ ଆସୁଥିବା ବେଳେ ଆଜିର ସମୟରେ ତାହାକୁ ଉଜ୍ଜୀବିତ କରି ରଖିପାରିଛି । ଓଡ଼ିଶାର ବହୁ ସୁନାମଧନ୍ୟ ପାଲା ଗାୟକ ଏଠାରେ ପାଲା ପରିବେଷଣ କରି ଯାଇଛନ୍ତି । ସମସ୍ତ ଗ୍ରାମବାସୀ ମାନଙ୍କ ସହଯୋଗରେ କାର୍ଯ୍ୟକ୍ରମଟି ବେଶ୍ ଶାନ୍ତି ଶୃଙ୍ଖଳାର ସହିତ ସମ୍ପନ୍ନ ହୋଇଛି ।

# କୋଇଡା ପ୍ରେସର ତୃତୀୟ ବାର୍ଷିକ ଉତ୍ସବ ମହାସମାରୋହରେ ଉଦ୍‌ଯାପିତ

■ **କୋଇଡା :** କୋଇଡା ପ୍ରେସ କ୍ଲବର ତୃତୀୟ ବାର୍ଷିକ ଉତ୍ସବ ପାଳନ ହୋଇଯାଇଛି । ଗତ ଅଷ୍ଟମ ଦିନ ଧରି ଏହି ଉତ୍ସବ ବେସ ଯାକଜକାମରେ ପାଳନ ହୋଇଯାଇଛି । ଏହି ଉପଲକ୍ଷେ କୋଇଡା ପ୍ରେସ କ୍ଲବ ସ୍ୱଦେଶୀ ଜାଗରଣ ମଞ୍ଚ ସହଭାଗିତାରେ କୋଇଡା ଜଗନ୍ନାଥ ପଡିଆରେ ସ୍ୱଦେଶୀ ମେଳା ଆୟୋଜନ




କରାଜାଇଛି । ପ୍ରତେକ ବର୍ଷ ପାରି ଚଳିତ ବର୍ଷ ୨୩ ତାରିଖ ସକାଳେ ରନ ଫର କୋଇଡା, ରନ୍ ଫର୍ ସ୍ୱଦେଶୀ ମାରାଥନ୍ କାର୍ଯ୍ୟକ୍ରମ ଆୟୋଜନ ହୋଇଥିଲା କ୍ଷ କୋଇଡା ତହସିଲଦାର ନିର୍ମଳ ବିଶ୍ୱାଳ, ବିଡ଼ିଓ ସୋମେନ୍ଦ୍ର ସାରା, ଥାନା ଅଧିକାରୀ ରାଜେନ୍ଦ୍ର ସ୍ୱାଇଁ, ସରପଞ୍ଚ ହୃରସିକେଶ ଦେହୁରୀ ନଡ଼ିଆ ବାଡେଇ ପତାକା ଦେଖାଇ ମାରାଥନ ଶୁଭାରମ୍ଭ କରିଥିଲେ । ସଂଧ୍ୟା କାର୍ଯ୍ୟକ୍ରମ ରେ କେନ୍ଦ୍ର ମନ୍ତ୍ରୀ ଜୁଏଲ ଓରାମ ମୁଖ୍ୟ ଅତିଥି ଓ ସୁନ୍ଦରଗଡ଼ ପ୍ରକଳ୍ପ ନିର୍ଦ୍ଦେଶକ ସୁରଞ୍ଜନ ସାହୁ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଦୀପ ପ୍ରଯୋଳନ କାରି ସ୍ୱଦେଶୀ ମେଳକୁ ଉଦ୍‌ଘାଟନ କରି ସଭା କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ । ସେହିପରି ଦ୍ୱତୀୟ ଦିନ ବଣେଇ ବିଧାୟକ ଲକ୍ଷ୍ମଣ ମୁଣ୍ଡା, ପୂର୍ବତନ ବିଧାୟକ ଜନାର୍ଦ୍ଦନ ଦେହୂରୀ, ପୂର୍ବତନ ବିଧାୟକ ଭୀମସେନ ଚୌଧୁରୀ, ଜିଲ୍ଲା ପରିଷଦ ସଭ୍ୟ ଅଶୋକ ନାଏକ, ସମାଜ ସେବୀ ଦେବନାରାୟଣ ସାହୁ ପ୍ରମୁଖ ଉପସ୍ଥିତ ଥିଲେ । ତୃତୀୟ ଦିବସ ତଥା ଉଜ୍ଜପନୀ ସଂଧ୍ୟାରେ ରାଜ୍ୟ ବିଧାନସଭା ଉପବାଚସ୍ପତି ଭବାନୀଶଙ୍କର ଭୋଇ ମୁଖ୍ୟ ଅତିଥି ଓ କେନ୍ଦ୍ର ମନ୍ତ୍ରୀ ଜୋଏଲ ଓରାମଙ୍କ ପ୍ରତିନିଧି ଚେତନଦୀପ୍ତ ନାୟକ, ମଣ୍ଡଳ ସଭାପତି ରାମ ପଲେଇ, ପର୍ବତନ ମଣ୍ଡଳ ସଭାପତି ମେଲେରି ବାରିକ ସମ୍ମାନିତ ଅତିଥି ଓ ବିଶିଷ୍ଟ ଅତିଥିଭାବେ ସ୍ୱଦେଶୀ ଜାଗରଣ ମଞ୍ଚର ସହ ସଂଯୋଜ ରଘୁନାଥ ବେହେରା ଯୋଗ ଦେଇଥିଲେ । ଏହି କାର୍ଯ୍ୟକ୍ରମ ମାଧ୍ୟମରେ କୋଇଡା କ୍ଲବ୍ ସମସ୍ତ ଜନସାଧାରଣଙ୍କ ମଧ୍ୟରେ ଏକ ଭାଇଚାରା, ବନ୍ଧୁତ୍ୱ ସଂପର୍କକୁ ଯୋଡିବାରେ ସହଯୋଗ କରୁଥିବାରୁ ଅତିଥିମାନେ ଆୟୋଜକ ଙ୍କୁ ଭୁରି ଭୁରି ପ୍ରଶଂସା କରିଥିଲେ । ପ୍ରତ୍ୟେକ ଦିନ ସନ୍ଧ୍ୟାରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଯଥା ଖୋର୍ଦ୍ଧାର ପାଇକ ନୃତ୍ୟ, କଟକ ଓଡିଶୀ ନୃତ୍ୟ ଏବଂ ଓଡ଼ିଶାର ବିଶିଷ୍ଟ କଣ୍ଠ ଶିଳ୍ପୀ ବର୍ଣାଲୀ ହୋତାଙ୍କ କାର୍ଯ୍ୟକ୍ରମକୁ ଦର୍ଶକମାନେ ମନଭରି ଉପଭୋଗ କରିଥିଲେ । ତାଛଡା ଅଞ୍ଚଳର ବିଭିନ୍ନ ଶିକ୍ଷାନୁଷ୍ଠାନ, ସାଂସ୍କୃତିକ ସଂଗଠନ, ଆଇଟିଆଇ ଛାତ୍ରଛାତ୍ରୀ ମାନେ ସାଂସ୍କୃତିକ କାର୍ଯ୍ୟକ୍ରମ କରି ନିଜର କଳା ନୈପୁଣ୍ୟ ଦେଖାଇବା ସହ ଦର୍ଶକମାନଙ୍କୁ ମୁଗ୍ଧ କରାଇଥିଲେ । ଏହିପରି କଳା ପରିବେଷଣ ଦ୍ୱାରା କୁନି କୁନି ପିଲା ମାନଙ୍କର ପ୍ରତିଭା ପ୍ରକାଶ ପାଇବାର ପ୍ରମୁଖ ଭୂମିକା ଗ୍ରହଣ କରିବ । ଏହା ଏକ କୋଇଡା ପ୍ରେସ କ୍ଲବ୍ ନିଆରା ପ୍ରୟାସ । ଏହି କାର୍ଯ୍ୟକ୍ରମକୁ କ୍ଲବର ସଭାପତି ସଂଗ୍ରାମ କିଶୋରୀ ନାୟକ, ସଂପାଦକ ବିଜୟାନନ୍ଦ ଜେନା, ନିଲୁ ମହାନ୍ତି, ସମ୍ବିତ ଯେନା, ବିଜୟ ଦାସ, ସୁରେଶ ଦାସ, ସଞ୍ଜୟ ବେହେରା, ଜିତେନ ପଲେଇ, ଗଣେଶ ଆପଟ, ଗଗନ ବେହେରା, ଦାମୁ ପାତ୍ର ସମେତ ଅନ୍ୟ ସଦସ୍ୟମାନେ ସଙ୍ଗଠିତ ଭାବେ କାର୍ଯ୍ୟ କାରି ସଫଳ କରିବାରେ ସହଯୋଗ କରିଥିଲେ ।

# ଅନୁଭବଙ୍କ ଆବେଦନ ଖାରଜ

■ **କଟକ :** ସମାଜ ଡିଜିଟାଲ ଡେସ୍କ: ଓଲିଉଡ ଅଭିନେତା ଅନୁଭବ ମହାନ୍ତିଙ୍କ ପାଇଁ ବଢିଲା ଅଡୁଆ । ଅନୁଭବଙ୍କ ଆବେଦନ ହାଇକୋର୍ଟରେ ଖାରଜ ହୋଇଛି । ଅନୁଭବଙ୍କ ବିରୋଧରେ ଏବେ ମାମଲା ଚାଲିବ ବୋଲି ଜଣାପଡିଛି । ଅନୁଭବ ଓ ତାଙ୍କ କର୍ମଚାରୀଙ୍କ



ବିରୋଧରେ ଏତଲା ଦେଇଥିଲେ ପୂର୍ବତନ ପତ୍ନୀ ବର୍ଷା ପ୍ରିୟଦର୍ଶିନୀ । ସୂଚନା ମୁତାବକ ବର୍ଷା ଅନୁଭବଙ୍କ ଘରେ ଥିବା ବେଳେ ତାଙ୍କୁ ମାନସିକ ନିର୍ଯାତନା ଦିଆଯାଉଥିବା ଅଭିଯୋଗ କରିଥିଲେ । ଭିଡିଓ ସୁଟିଂ କରିବା ସହ ମାନସିକ ନିର୍ଯାତନା ଦେଉଥିବା ଅଭିଯୋଗ କରିଥିଲେ ବର୍ଷା । ନିମ୍ନ ଅଦାଲତରେ ଚାଲିଥିବା ମାମଲା ଖାରଜ ପାଇଁ ଆବେଦନ କରିଥିଲେ ଅନୁଭବ ମହାନ୍ତି । ହେଲେ ଅନୁଭବଙ୍କ ଆବେଦନକୁ ଖାରଜ କରିଛନ୍ତି କୋର୍ଟ, ଏବେ ଅନୁଭବଙ୍କ ନାଁରେ ଏହି ମାମଲା ଚାଲିବ ।

## ଉନ୍ମୋଚନ ହେଲା ମାଲ୍ୟବନ୍ତ ମହୋତ୍ସବ ପ୍ରୋମୋ ସଙ୍ଗୀତ
# ୧ରୁ ୫ ଫେବୃଆରୀ ମଧ୍ୟରେ ମାଲ୍ୟବନ୍ତ ମହୋତ୍ସବ

■ **ମାଲକାନଗିରି :** ଜିଲ୍ଲା ସଂସ୍କୃତି ପରିଷଦ ପକ୍ଷରୁ ସ୍ଥାନୀୟ ସଂସ୍କୃତି ଭବନ ଠାରେ ମାଲ୍ୟବନ୍ତ ମହୋତ୍ସବ ପ୍ରୋମୋ ସଙ୍ଗୀତକୁ ଉନ୍ମୋଚନ କରାଯାଇଛି । ଜିଲ୍ଲାପାଳ ତଥା ଜିଲ୍ଲା ସଂସ୍କୃତି ପରିଷଦର ଅଧ୍ୟକ୍ଷ ସୌମେଶ କୁମାର ଉପାଧ୍ୟାୟ ଏହି ସଙ୍ଗୀତକୁ ଉନ୍ମୋଚନ କରି ଥିବା ବେଳେ ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ବେଦବର ପ୍ରଧାନ, ଜିଲ୍ଲା ମଙ୍ଗଳ ଅଧିକାରୀ ଶ୍ରୀନିବାସ ଆଚାରୀ, ଜିଲ୍ଲା ସଂସ୍କୃତି ଅଧିକାରୀ ସନ୍ତ୍ରାସ ନାରାୟଣ ପଣ୍ଡା, ଜିଲ୍ଲା କଳା ସଂସ୍କୃତି ସଂଘ ଉପ ସଭାପତି ଘେନୁ ମୁଦୁଲି, ସାଂସଦ ପ୍ରତିନିଧି ସଞ୍ଜୟ ସରକାର ଓ ବିଧାୟକ ପ୍ରତିନିଧି ମାଣିକଲାଲ ଚକ୍ରବର୍ତ୍ତୀ ଉପସ୍ଥିତ ଥିଲେ । ଏହି ଅବସରରେ ଜିଲ୍ଲାପାଳ କହିଥିଲେ ଯେ ଆସନ୍ତା ୧ ରୁ ୫ ଫେବୃଆରି ମଧ୍ୟରେ ଜିଲ୍ଲା ସ୍ତରୀୟ ମାଲ୍ୟବନ୍ତ ମହୋତ୍ସବ ଓ ପଲ୍ଲୀଶ୍ରୀ ମେଳା ଆୟୋଜନ ହେଉଛି । ରାଜ୍ୟର ସ୍ୱନାମଧନ୍ୟ କଳାକାର ଓ ବଲିଉଡ୍‌ର କଳାକାରଙ୍କୁ ନିମନ୍ତ୍ରଣ କରାଯାଇଛି । ଆବାଳ ବୃଦ୍ଧ ବନିତା ବହୁ ସଂଖ୍ୟାରେ ଯୋଗ ଦେଇ ଏହାକୁ ସଫଳ କରିବା ପାଇଁ ଜିଲ୍ଲାପାଳ ଆହ୍ୱାନ ଜଣାଇଛନ୍ତି । ସେହିପରି ଆସନ୍ତା ୩୧ ରେ ସତିଗୁଡ଼ା ଜଳ ଭଣ୍ଡାର ଠାରେ ହେବାକୁ ଥିବା ନୌକା ଚାଳନା ପ୍ରତିଯୋଗୀତା



ରେ ମଧ୍ୟ ବହୁ ସଂଖ୍ୟାରେ ଉପସ୍ଥିତ ରହିବାକୁ ଜିଲ୍ଲାପାଳ ଆହ୍ୱାନ କରିଛନ୍ତି । ଏହି କାର୍ଯ୍ୟକ୍ରମକୁ ବିନାଶ ମିଶ୍ର ପରିଚାଳନା କରିଥିଲେ । ଜିଲ୍ଲା ସୂଚନା ଓ ଲୋକସଂପର୍କ ଅଧିକାରୀ ପ୍ରମିଳା ମାଝୀ ଧନ୍ୟବାଦ ଜ୍ଞାପନ କରିଥିଲେ । ଏହି ସଙ୍ଗୀତ ପ୍ରସ୍ତୁତିରେ ଭାଗ ନେଇଥିବା ସମସ୍ତ କଳାକାର ଓ ବୈଷୟିକ ଟିମ୍ ଏଥିରେ ଉପସ୍ଥିତ ଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ବିଭିନ୍ନ ମହାବିଦ୍ୟାଳୟ ଛାତ୍ର ଛାତ୍ରୀ ମାନେ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ ।

# ଉପକାରୀ ଅଁଳା



ଅଁଳାକୁ ସମସ୍ତେ ଏକସ୍ୱରରେ ପ୍ରଶଂସା କରନ୍ତି । ଆଚାର୍ଯ୍ୟ ଚରକଙ୍କ ମତାନୁସାରେ ଅଁଳା ଯେମିତି ବାତ, ପି , କଫ ତ୍ରିଦୋଷ ବିନାଶକାରୀ, ସେମିତି ଅଗ୍ନୀଦୀପକ ଏବଂ ପରିପାଚକ ଅଟେ । ଏହି ମେଧା, ନାଡ଼ି ତଥା ଇନ୍ଦ୍ରିୟମାନଙ୍କରେ ବଳବର୍ଦ୍ଧନ କରୁଥିବା ଏକ ପୌଷ୍ଟିକ ରାସାୟନ ଅଟେ । ଆଚାର୍ଯ୍ୟ ସୁଶ୍ରୁତ ଏହାକୁ ତୃଷ୍ଣା ଏବଂ ପି ଦମନରେ ଅଗ୍ରଣୀ ବୋଲି ସ୍ୱୀକାର କରନ୍ତି । ଭାବ ମିଶ୍ରଙ୍କ ମତାନୁସାରେ ଅଁଳା ବାନ୍ତି ନିରୋଧକ ତଥା ହିକ୍କା ଏବଂ ଶ୍ୱାସ ନିରୋଧକ । ଚକ୍ରଧରଙ୍କ ମତାନୁସାରେ ଅଁଳା ରକ୍ତବାନ୍ତିରେ ବିଶେଷ ଲାଭଦାୟକ ଅଟେ । ଶ୍ରୀ ଭଣ୍ଡାରୀଙ୍କ ମତାନୁସାରେ ଏହା ଅମ୍ଳପି , ରକ୍ତପି , ଅଜୀର୍ଣ୍ଣ ଏବଂ ଉଦରଜନିତ ଯାବତୀୟ ବିକାରରେ, ଅରୁଚିରେ ଏକାକୀ, ସଫଳ ଔଷଧ ଅଟେ । ଶୁଷ୍କ ଅଁଳା ଭୋକ ବୃଦ୍ଧି କରେ, ଏହାର ମଞ୍ଜି ପି କୁ କମ୍ କରେ । ଡାଃ ବାନାର୍ଜୀ କହନ୍ତି– ଅମାଶୟଜନିତ ଅମ୍ଳାଧିକ୍ୟତା ତଥା ଗର୍ଭଣୀର ବାନ୍ତି ଆଦିରେ ଅଁଳା ସବୁଠାରୁ ନିରାପଦ ଔଷଧ । ଏହା ପାଚକ ହୋଇଥିବାରୁ ଅନ୍ତ ସଂସ୍ଥାନକୁ ଶକ୍ତିଶାଳୀ କରିବା ସଙ୍ଗେ ସଙ୍ଗେ କାମଳ ଏବଂ ଅରୁଚିରେ ବିଶେଷ ଲାଭଦାୟକ ହୋଇଥାଏ । ଡାଃ ନାଦକର୍ଣ୍ଣୀଙ୍କ ମତାନୁସାରେ ପି ବ୍ୟକ୍ତି, ଛାତି ଜ୍ୱାଳା ଓ ଅପାଚ୍ୟରେ ଏହା ଅମୋଘ ଅସ୍ତ୍ରଭଳି କାମ କରେ । ୟୁନାନି ଚିକିତ୍ସା ପଦ୍ଧତିରେ କୁହାଯାଇଛି– ଅଗ୍ନିମାନ୍ଦ୍ୟ ପାଇଁ ଅଁଳା ଅବ୍ୟର୍ଥ ଔଷଧ । ଏହା ବ୍ୟତୀତ ପି ାଧିକାରୀକୁ ଅଁଳା ଶାନ୍ତି କରିବା ସଙ୍ଗେ ସଙ୍ଗେ ଉଦରଶୂଳ ବ୍ୟାଧିକୁ ମଧ୍ୟ ଉପଶମ କରେ । ଏସବୁ ରୋଗରେ ଅଁଳାକୁ ଦୁଇ ତିନିଥର ଦୁଧରେ ଭିଜାଇ ତାକୁ ଶୁଖାଇ ବ୍ୟବହାର କରାଯାଏ, ଅଗ୍ନିମାନ୍ଦ୍ୟ ରୋଗର ଏହି ମାର୍ଜନଆଁ ଅବ୍ୟର୍ଥ ଔଷଧ । ଏହା ପି ର ପ୍ରକୋପକୁ ଶାନ୍ତ କରିବା ସଙ୍ଗେ ସଙ୍ଗେ ପେଟରେ ଗ୍ୟାସ୍‌କୁ ମଧ୍ୟ ବାହାରକୁ ବାହାର କରି ଅନ୍ତ୍ରସଂସ୍ଥାନକୁ ଆରାମ ଦେଇଥାଏ ।

ଡଃ. ବି.ଏନ୍.ସିଂହ ନିଜର 'ଅଁଳା' ପ୍ରବନ୍ଧରେ ଲେଖିଛନ୍ତି ସେ ନିଜେ ଏହାର ପ୍ରୟୋଗ କରି ଜାଣିପାରିଛନ୍ତି ଯେ– ଏହା ଯେମିତି ପି ନାଶ. ସେମିତି କଫ ଏବଂ ବାତଶମୂଳକ ମଧ୍ୟ । ହୋମିଓପାଥିରେ ମଧ୍ୟ ଅଁଳାକୁ ମଦର ଟିଙ୍କଚର ରୂପେ ପ୍ରୟୋଗ କରାଯାଏ । ଏହା ବିଶେଷତଃ ଅଜୀର୍ଣ୍ଣ କାରଣରୁ ହୋଇଥିବା ମୁଣ୍ଡବ୍ୟଥା, ପେଟରେ ଜ୍ୱଳନ ଓ ବ୍ୟଥାରେ ବିଶେଷ ଲାଭକାରୀ ହୋଇଥାଏ । ଚିକିତ୍ସକ ରଣଜିତ ସିଂହଙ୍କ ମତାନୁସାରେ ଦୁଇ ତିନିଥର ଅଁଳାକୁ ଦୁଧରେ ଭିଜେଇ ଶୁଖାଇ ଏହି ମାର୍ଜନ ହୋଇଥାବ ଅଁଳାକୁ ବ୍ୟବହାର କଲେ ଅଗ୍ନିମାନ୍ଦ୍ୟଠାରୁ ଗ୍ୟାସ୍ଟିକ୍ ପର୍ଯ୍ୟନ୍ତ ଅନ୍ତ୍ରସଂସ୍ଥାରେ ଯାବତୀୟ ରୋଗକୁ ଅଁଳା ଅଳ୍ପ ସମୟ ମଧ୍ୟରେ ଆରୋଗ୍ୟ କରିଥାଏ । ତାଙ୍କ ମତରେ ଅଁଳାଠାରୁ ଶେଷ ଔଷଧ ଅନ୍ୟକିଛି ନାହିଁ ।

# ଶୂନ୍ୟରେ ଭାସିବ ମାଉସ୍

ଟେବୁଲ୍ ଉପରେ କମ୍ପ୍ୟୁଟର୍ ମାଉସ୍ ଧରି ହାତକୁ ଆଉ କଷ୍ଟ କରିବାକୁ ପଡ଼ିବ ନାହିଁ । ଡିଜାଇନର୍‌ମାନେ ଏପରି ଏକ କମ୍ପ୍ୟୁଟର୍ ମାଉସ୍ ତିଆରି କରିଛନ୍ତି ଯାହା



ମହାଶୂନ୍ୟରେ ଭାସିପାରିବ । ଏହାର ନାଁ 'ବ୍ୟାଟ୍' । ଏଥିରେ ଗୋଟିଏ ମାଉସ୍ ପ୍ୟାଡ୍ ଓ ଚୁମ୍ବକୀୟ ରିଙ୍ଗ୍ ରହିଛି । ଯେଉଁଟି ମାଉସ୍‌କୁ ଶୂନ୍ୟରେ ରହିବାରେ ସାହାଯ୍ୟ କରିଥାଏ । ଏହି ଚୁମ୍ବକୀୟ ରିଙ୍ଗ୍ ସାହାଯ୍ୟରେ ମାଉସ୍‌ଟି ୪୦ ମିଲିମିଟର୍ ଅଥବା ନିଜ ହାତର ୧୦ ମିଲିମିଟର୍ ଉଚ୍ଚକୁ ଉଠିପାରିବ । ସାଧାରଣ ମାଉସ ଧରି ଦୀର୍ଘ ସମୟ କାମ କଲେ ହାତ, କଚଟି, ଆଙ୍ଗୁଳି ଆଦି ବିନ୍ଧେ ଓ ଦରଜ ହୁଏ । କିନ୍ତୁ ଏହି ମାଉସ୍ ଏହିସବୁ ସମସ୍ୟାରୁ ରକ୍ଷା କରିବ । ପ୍ରାଗ୍ଯୁ ବେସ୍‌ଡ଼ି ଡିଜାଇନ୍ ଷ୍ଟୁଡ଼ିଓର ମାଲିକ ୱିଦିମ୍ କିବାର୍ଦିନ୍ ଏହି ୱ୍ୟାରଲେସ୍ ମାଉସ୍ ଡିଜାଇନ୍ କରିଛନ୍ତି ।



# ଶ୍ୱାସ ରୋଗ ପାଇଁ ପ୍ରସ୍ତୁତ ଯନ୍ତ୍ର

ସେଣ୍ଟ ଲୁଇସସ୍ଥିତ ୱାସିଙ୍ଗ୍‌ଟନ୍ ବିଶ୍ୱବିଦ୍ୟାଳୟର ଜଣେ ଭାରତୀୟ ବୈଜ୍ଞାନିକ ତାଙ୍କ ସାଥୀମାନଙ୍କ ସହ ମିଶି ଏକ ନୂତନ ଫିଲଟରିଙ୍ଗ୍ ଟେକ୍‌ନୋଲୋଜି ବାହାର କରିଛନ୍ତି । ଏହି ଯନ୍ତ୍ରର ନାମ ରଖିଛନ୍ତି 'ଏସ୍‌ଏକ୍ସସି ଇଏସ୍‌ପି' । ଏହା ଫୁସ୍‌ଫୁସ୍‌ରେ ଆଲର୍ଜି ସୃଷ୍ଟିକାରୀ ତତ୍ତ୍ୱ, ରୋଗ ସଂକ୍ରମଣକାରୀ ଭୂତାଣୁକୁ ଦୂରେଇ ରଖିଥାଏ ଯାହା ଶ୍ୱାସରୋଗର ମୂଳ କାରଣ ହୋଇପାରେ । ଏହାବ୍ୟତୀତ ଏହି ଫିଲଟର୍ ଶ୍ୱାସକ୍ରିୟା ସହ ସଂପୃକ୍ତ ଅନ୍ୟାନ୍ୟ ରୋଗରୁ ମଧ୍ୟ ସୁରକ୍ଷିତ ରଖେ । ଅଲଟ୍ରା ଭାଓଲେଟ୍ ପ୍ରକ୍ରିୟା ଦ୍ୱାରା ପାଣିକୁ ବିଶୋଧନ କରିବା ଭଳି ପ୍ରୋଟେକ୍ସନ୍ ଫିଲଟର୍ ମଧ୍ୟ ରୋଗ ସଂକ୍ରମଣ କରୁଥିବା ତତ୍ତ୍ୱକୁ ଫୁସ୍‌ଫୁସ୍ ମଧ୍ୟକୁ ପ୍ରବେଶ କରିବାକୁ ଦିଏ ନାହିଁ ।

# ଷ୍ଟୋନ୍ ଅଳଙ୍କାର



ଫେସନ୍ ଦୁନିଆରେ ଏବେ ଷ୍ଟୋନ୍ ଅଳଙ୍କାରର ଚାହିଦା ଅଧିକ । ସୁନା, ରୁପା ଦର ଆକାଶଛୁଆଁ ହୋଇଥିବାରୁ ଡିଜାଇନରମାନେ ବିଭିନ୍ନ ପ୍ରକାର ପଥରରେ ଅଳଙ୍କାର ତିଆରି କରୁଛନ୍ତି । ଶସ୍ତା, ସୁନ୍ଦର ଏବଂ ଚୋରି ପାଇଁ ଭୟ ନଥିବାରୁ ଏହାର ଚାହିଦା ଏବେ ବଢ଼ିଯାଇଛି । ବିଭିନ୍ନ ରଙ୍ଗର ପଥର ବା କୁନ୍ଦନରେ କାନଫୁଲ, ନେକ୍‌ଲେସ୍, ମୁଦି, ଚୁଡ଼ି ଇତ୍ୟାଦି ତିଆରି ହେଉଛି । ବିଶେଷକରି ପଥରରେ ତିଆରି ହୋଇଥିବା ଲମ୍ବା କାନଫୁଲ ଅଧିକ ଟ୍ରେଣ୍ଡି ଏବଂ ତା'ର ଚାହିଦା ବି ଅଧିକ । ମହିଳାମାନେ ବିଭିନ୍ନ ପ୍ରକାର ଉତ୍ସବ ପାଇଁ ଓଜନିଆ ଷ୍ଟୋନ୍ କାମ ହୋଇଥିବା ଅଳଙ୍କାର ପିନ୍ଧି ଯାଉଛନ୍ତି । ଏହା ବ୍ୟତୀତ ଘରେ ପିନ୍ଧିବା ପାଇଁ ହାଲୁକା ପଥର କାମ ହୋଇଥିବା ଅଳଙ୍କାର ମଧ୍ୟ ବଜାରରେ ମିଳୁଛି । ନାଲି, ଗ୍ରୀନ୍ ଏବଂ ପର୍ପଲ୍ ରଙ୍ଗ ପଥରରେ କାମ ହୋଇଥିବା ଅଳଙ୍କାରର ଲୋକପ୍ରିୟତା ବେଶି । ଚକ୍‌ଚକ୍ କରୁଥିବା ଏହି ପଥର ଅଳଙ୍କାର ଏକ ନୂଆ ସୌନ୍ଦର୍ଯ୍ୟତା ପ୍ରଦାନ କରିଥାଏ । ଏହିସବୁ ଅଳଙ୍କାରକୁ ଶାଢ଼ି, ଶାଲୱାର୍-ଟପ୍‌ରେ ମଧ୍ୟ ମ୍ୟାଚ୍ କରି ପିନ୍ଧିପାରିବେ ।



# ରଙ୍ଗୀନ ଆହାର ଦ୍ୱାରା ସରଳ ଉପଚାର

ବୈଜ୍ଞାନିକମାନଙ୍କ ମତରେ ବିଭିନ୍ନ ରଙ୍ଗର ଖାଦ୍ୟ ପଦାର୍ଥ ଆପଣଙ୍କ ଶରୀରର ଭିନ୍ନ ଭିନ୍ନ ଅଙ୍ଗକୁ ଲାଭ ପହ ାଇଥାଏ ।

**ଧଳା :–** ଆଳୁ, ରସୁଣ, ଛତୁ ଆଦି ଆପଣଙ୍କ ଶ୍ୱାସନଳୀ ପାଇଁ ଲାଭବାନ ଅଟେ ।

**ନାରଙ୍ଗୀ :–** କମଳାରେ ଭିଟାମିନ୍-ସି ସହିତ କିଛି ମାତ୍ରାରେ ଭିଟାମିନ୍-ଏ ମଧ୍ୟ ଥାଏ, ଯାହା ଶରୀର ପାଇଁ ବହୁ ଉପକାରୀ ଅଟେ ।

**ସବୁଜ ପରିବା :–** ପନିପରିବାରେ ଲୁଟିନ ଏବଂ ଇଣ୍ଡୋଲ ନାମକ ଫାୟଟୋକେମିକାଲ୍‌ସ ହୋଇଥାଏ, ଯାହା ଲିଭରକୁ ରକ୍ଷା କରିଥାଏ । ତେଣୁ ସବୁଜ ପନିପରିବା ଓ ଫଳ ଖାଇବା ଶରୀର ପାଇଁ ଅତ୍ୟନ୍ତ ଉପକାରୀ ଅଟେ ।

**ଜାମୁନି :–** ଯଦି ଆପଣ ନିଜ ମସ୍ତିଷ୍କକୁ ସୁସ୍ଥ ରଖିବାକୁ ଚାହୁଁଛନ୍ତି ଜାମୁନି ରଙ୍ଗର ଫଳ ଏବଂ ପନିପରିବାକୁ ନିଜ ଆହାରରେ ସାମିଲ କରନ୍ତୁ । ସେଗୁଡ଼ିକ ହେଲା ଅଙ୍ଗୁର, ପିଆଜ, ଜାମୁକୋଳି ରଙ୍ଗର ପତ୍ର କୋବି, ବାଇଗଣ ଆଦି ସାମିଲ ଅଟନ୍ତି ।

**କଳା :–** କଳା ରଙ୍ଗ ସାଧାରଣତଃ ସମସ୍ତଙ୍କୁ କମ୍ ପସନ୍ଦ । ବିଶେଷତଃ ଖାଦ୍ୟପେୟ ମାମଲାରେ, ମାତ୍ର ବିଶ୍ୱାସ କରନ୍ତୁ କି କଳାରଙ୍ଗର ଆହାର ଆପଣଙ୍କ ବୃକକ୍ ପାଇଁ ବହୁତ ଲାଭକାରୀ ଅଟେ । କଳା ରଙ୍ଗର ଜାମୁକୋଳି ଖାଆନ୍ତୁ ।

**ଲାଲ :–** ଯଦି ଆପଣ ହୃତପିଣ୍ଡକୁ ରକ୍ଷା କରିବାକୁ ଚାହାନ୍ତି, ତାହାହେଲେ ଲାଲ ରଙ୍ଗର ଜିନିଷ ଖାଆନ୍ତୁ । ଲାଲ୍ ତଥା ଗୋଲାପି ରଙ୍ଗର ଫଳ-ପନିପରିବାରୁ ଫାୟଟୋକେମିକାଲ୍‌ସ ମିଳିଥାଏ । ତରଭୁଜ, ପିଜୁଳି, ବିଲାତି ଆଦି ଏହି ଶ୍ରେଣୀରେ ଆସିଥାଏ । ଷ୍ଟ୍ରବେରୀ, ରସବେରୀ ତଥା ବିଟ୍ ରୁଟ୍‌ରେ ଏନ୍‌ଥୋସାୟମିନ୍ ମିଳିଥାଏ । ଏହା ଫାୟଟୋକେମିକାଲ୍‌ସର ଏକ ସମୂହ ଅଟେ, ଯାହା ଉକ୍ତ ରକ୍ତଚାପକୁ ନିୟନ୍ତ୍ରିତ କରିଥାଏ ଏବଂ ମଧୁମେହ ସଂକ୍ରାନ୍ତୀୟ ସମସ୍ୟାରୁ ଦୂରେଇ ରଖିଥାଏ ।



## କଳାକାରଙ୍କ ଦୁଃଖ କେବେ ଶୁଣିବ ସରକାର ?

# କଳାକାର ଭତ୍ତା ପାଇଁ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ



■ **ଯାଜପୁର ଟାଉନ :** ଡିସେମ୍ବରରୁ ଠପ୍ ହୋଇଛି କଳାକାର ଭତ୍ତା। ଯାହାକୁ ନେଇ ଆଜି ଯାଜପୁର ଜିଲ୍ଲା ଅନ୍ତର୍ଗତ ବରୀ ବ୍ଲକର କଳାକାରମାନେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚି ଏକ ଅଭିଯୋଗପତ୍ର ପ୍ରଦାନ କରିଛନ୍ତି । ମାସିକ ପ୍ରଦାନ କରାଯାଉଥିବା ଦୁଇ ହଜାର ଟଙ୍କା ଭତ୍ତା ରାଶି ପରିବର୍ତ୍ତେ ତିନି ହଜାର ଟଙ୍କା ଭତ୍ତା ଦେବା ପାଇଁ ଜଣାଇଛନ୍ତି। କଳାକାରମାନେ ଆତ୍ମ ସ୍ୱାଭିମାନୀ ଲୋକ। ନିଜର ପ୍ରତିଷ୍ଠା ଦୃଷ୍ଟିରୁ ଅତି ନିମ୍ନ ସ୍ତରକୁ ଯାଇ ନପାରି ବଡ ଦୁଃଖରେ ଚଳୁଛନ୍ତି। ସରକାର ସବୁ ବର୍ଗର ଲୋକଙ୍କ କଲ୍ୟାଣ ପାଇଁ କିଛି ନା କିଛି କରୁଥିବା ବେଳେ କଳାକାରମାନଙ୍କୁ କାହିଁକି ଅଣଦେଖା କରୁଛନ୍ତି ବୋଲି ମନରେ କ୍ଷୋଭ ପ୍ରକାଶ କରି କଳାକାର ମାନେ ଜିଲ୍ଲାପାଳଙ୍କୁ ଏ ସମସ୍ତ ବିଷୟରେ ଦାବି ପତ୍ରରେ ଉଲ୍ଲେଖ କରି ଜିଲ୍ଲାପାଳଙ୍କୁ ଭେଟି ଦାବି ଜଣାଇଛନ୍ତି।

## ● ରତ୍ନଭଣ୍ଡାର ଚାବି ହଜିବା ପ୍ରସଙ୍ଗ

# ତଦନ୍ତ ରିପୋର୍ଟ ଉପସ୍ଥାପନ ହେଲାନି, ହାଇକୋର୍ଟଙ୍କ ଉଦ୍‌ବେଗ



■ **କଟକ :** ଶ୍ରୀଜଗନ୍ନାଥ ମନ୍ଦିର ରତ୍ନଭଣ୍ଡାର ଚାବି ହଜିବା ପ୍ରସଙ୍ଗରେ ତଦନ୍ତ କରି ଜଷ୍ଟିସ୍ ରଘୁବୀର ଦାଶ କମିସନ ଦାଖଲ କରିଥିବା ରିପୋର୍ଟ ବିଧାନସଭାରେ ଏ ପର୍ଯ୍ୟନ୍ତ ଉପସ୍ଥାପନ କରାଯାଇ ନଥିବାରୁ ହାଇକୋର୍ଟ ଉଦ୍‌ବେଗ ପ୍ରକାଶ କରିଛନ୍ତି। ପରବର୍ତ୍ତୀ ବିଧାନସଭା ଅଧିବେଶନରେ ତଦନ୍ତ କମିସନ ରିପୋର୍ଟ ଉପସ୍ଥାପନ କରାଯିବା ଉପରେ ହାଇକୋର୍ଟ ଗୁରୁତ୍ୱାରୋପ କରିଛନ୍ତି। ଏହି ପ୍ରସଙ୍ଗରେ ହାଇକୋର୍ଟ ଆଜି ଶୁଣାଣି କରିଥିବା ବେଳେ ଜାନୁଆରି ୩୦ରେ ସବିଶେଷ ନିର୍ଦ୍ଦେଶ ପ୍ରଦାନ କରାଯିବ ବୋଲି କହିଛନ୍ତି। ରତ୍ନଭଣ୍ଡାରରେ ରହି ଆସୁଥିବା ଶ୍ରୀଜିଉଙ୍କ ଅଳଙ୍କାର ଓ ମୂଲ୍ୟବାନ ସାମଗ୍ରୀର ଗଣତିମଣତି ପାଇଁ ପ୍ରସ୍ତୁତ ଏସ୍ ଓପିର ଅନୁମୋଦନ ଓ ଏ ସଂପର୍କିତ ପ୍ରକ୍ରିୟା ନିର୍ଦ୍ଦିଷ୍ଟ ସମୟସୀମା ଭିତରେ ସଂପୂର୍ଣ୍ଣ କରିବା ଉପରେ ମଧ ହାଇକୋର୍ଟ ଗୁରୁତ୍ୱାରୋପ କରିଛନ୍ତି।

# ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ



ସୋନପୁର : ସୂଚନା ଅନୁସାରେ ସୋନପୁର ଜିଲ୍ଲା ସଦର ବ୍ଲକ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବଡଝିଙ୍କି ଠାରେ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଏହି ଉତ୍ସବ ରେ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ଶ୍ରୀମତୀ ସୁବାସିନୀ ସାହୁ ଙ୍କ ସଭାପତିତ୍ୱରେ ସଭାର ମୁଖ୍ୟଅତିଥି ଭାବେ ବ୍ଲକ ଶିକ୍ଷା ଅଧିକାରୀ ଶ୍ରୀଯୁକ୍ତ ଲକ୍ଷ୍ମଣ ମିଶ୍ର ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ରୂପେ ଡ ଅନିତା ମେହେର ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ସଂଘର ରାଜ୍ୟ ସଭାପତି,ବିଶିଷ୍ଟ ସମାଜସେବୀ ଶ୍ରୀଯୁକ୍ତ ଅରବିନ୍ଦ ବାରିକ, ସଞ୍ଜୟ ଗୁପ୍ତା, ବଣ୍ଟୁ ଅଗ୍ରୱାଲ, ସଞ୍ଜୟ କୁମାର ସାହୁ ଏବିଇଓ କୃଷ୍ଣଚନ୍ଦ୍ର ପଣ୍ଡା,ଯୋଗଦେଇଥିଲେ ।ବରିଷ୍ଠ ଶିକ୍ଷକ ଶ୍ରୀଯୁକ୍ତ ଦିଲ୍ଲୀପ କୁମାର ମିଶ୍ର,ସ୍ୱାଗତ ଓ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ଶିକ୍ଷୟିତ୍ରୀ ସୁଶ୍ରୀ ଅପର୍ଣ୍ଣା ଅପରୂପା ମହାନ୍ତି ମଞ୍ଚ ପରିଚାଳନା କରିଥିଲେ ।ଶିକ୍ଷୟିତ୍ରୀ ସୂର୍ଯ୍ୟକାନ୍ତି ଦାସ ଧନ୍ୟବାଦ ଅର୍ପଣ କରିଥିଲେ ।ଶିକ୍ଷୟିତ୍ରୀ ମିନତୀ ରଥ ସିଆରସିସି ଶ୍ରୀଯୁକ୍ତ ରିଚପାଲ ମେହେର, ବ୍ରତାନନ୍ଦ ଭୋଇ ଦୁର୍ଯୋଧନ ମେହେର ବୁଦ୍ଧଦେବ ସା ଧନେଶ୍ୱର ଅମାତ, ଉମାକାନ୍ତ ମିଶ୍ର ଶିକ୍ଷକ ଶଙ୍କର ଡାଙ୍ଗ ଉପସ୍ଥିତ ଥିଲେ ।ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।

# ମହାନଦୀବିହାରରେ ଖୋଲିଲା ମାୟା ଲୁମ୍ସ ଆଣ୍ଡ କ୍ରାଫ୍ଟ




■ **କଟକ :** ସ୍ୱଦେଶୀ ସାମଗ୍ରୀକୁ ଘରେ ଘରେ ପହଂଚାଇବା ସହ ନିଜେ ଓ ଅନ୍ୟ ମହିଳାମାନଙ୍କୁ ଆତ୍ମନିର୍ଭରଶୀଳ କରାଇବା ଉଦ୍ଦେଶ୍ୟରେ ଆଜି (ରବିବାର) ଶୁଭସ୍ମିତା ସିହଂଙ୍କ ନେତୃତ୍ୱରେ ମହାନଦୀବିହାରସ୍ଥିତ ରିଲିୟାନ୍ସ ଫ୍ରେସ ସମ୍ମୁଖରେ ଉଦ୍‌ଘାଟିତ ହୋଇଯାଇଛି ମାୟା ଲୁମ୍ସ ଆଣ୍ଡ କ୍ରାଫ୍ଟ। ଏହି ଉଦଘାଟନୀ ଉତ୍ସବରେ ଚୌଦ୍ୱାର କଟକର ପୂର୍ବତନ ବିଧାୟକ ଡଃ ପ୍ରଭାତ ରଞ୍ଜନ ବିଶ୍ୱାଳ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦଘାଟନ କରି ଓଡିଶାର କଳାକିର୍ତୀକୁ ନେଇ ଗଢ଼ି ଉଠିଥିବା ହସ୍ତତନ୍ତ ଶିଳ୍ପ ବେଶ ଚମତ୍କାର, ଉଚ୍ଚକୋଟୀର ଓ ପ୍ରଶଂସନୀୟ ବୋଲି ମତବ୍ୟକ୍ତ କରିଥିଲେ। ସମ୍ମାନିତ ଅତିଥି ଭାବେ ଓରମାସ୍‌ର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ବିପିନ ବିହାରୀ ରାଉତ, ବରିଷ୍ଠ ନାଗରିକ ମଂଚର ସଭାପତି ରବିନ୍ଦ୍ରନାଥ ମହାନ୍ତି, ସ୍ଥାନୀୟ କର୍ପୋରେଟର ଇଂ ସୁବ୍ରତ ଘଡେଇ, ଏମଡିଏ ସଭାପତି ସଞ୍ଜୟ ଜେନା, ସମ୍ପାଦକ ହିମାଂଶୁ ଷଡ଼ଙ୍ଗୀ, ମହିଳା ସମିତିର ସଭାନେତ୍ରୀ ନମୀତା ଦାଶ, ସମ୍ପାଦିକା ମଧୁସ୍ମିତା ଷଡ଼ଙ୍ଗୀ ପ୍ରମୁଖ ଉପସ୍ଥିତ ଥିଲେ । ଆମ ରାଜ୍ୟର ବୁଣାକାରଙ୍କ ଚାହିଦା ରହିଥିବା ସମ୍ବଲପୁର, କଟକର ମାଣିଆବନ୍ଧ ଏବଂ ଯାଜପୁରର ଗୋପାଳପୁର ବୁଣାକାରଙ୍କ ନିର୍ମିତ ହସ୍ତତନ୍ତ ସାମଗ୍ରୀ ବେଶ ଆର୍କଷଣୀୟ ଅଟେ । ସେଥମଧ୍ୟରେ ନିର୍ମିତ ମହିଳାଙ୍କ ଶାଢ଼ୀ, ଡ୍ରେସ, ସାଲୱାର, ପଟଚିତ୍ରରେ ନିର୍ମିତ ଡ୍ରେସ ସହ ପିପିଲିର ୱାଲକ୍ରାଫ୍ଟ, ଚାନ୍ଦୁଆ, ଜଗନ୍ନାଥ ଏବଂ ଶ୍ରୀମନ୍ଦିରର ପଟ୍ଟଚିତ୍ର ଆଦି ଏଠାରେ ମହଜୁଦ ରହିଥିବା ବେଳେ ଉଦଘାଟନୀ ଉତ୍ସବ ଅବସରରେ ପ୍ରତ୍ୟେକ କ୍ରୟ ଉପରେ ଶତକଡା ୧୦ଭାଗ ରିହାତି ରହିଛି ବୋଲି ପ୍ରୋପାଇଟର ଶୁଭସ୍ମିତା ସିଂହ ଗଣମାଧମକୁ ସୂଚନା ପ୍ରଦାନ କରିଛନ୍ତି। ଏହି ଉଦଘାଟନୀ ଉତ୍ସବରେ ସ୍ନେହ ନନ୍ଦ, ଆଲୋକ ଲାଲ, ରାକେଶ ତ୍ରପାଠୀ, ପ୍ରମୋଦ ସିଂହଙ୍କ ସମେତ ବହୁ କର୍ମକର୍ତ୍ତା ଉପସ୍ଥିତ ଥିଲେ।

# ପୋଲିସ ଅଧିକାରୀ ଚିତରଞ୍ଜନ ଦାସଙ୍କ ସ୍ମୃତିସଭା

## ● ଯୋଗଦେଲେ ଶିକ୍ଷାବିତ, ସମାଜସେବୀ, ରାଜନେତା ଓ ମୁରବୀ



■ **କଟକ :** ଅବସରପ୍ରାପ୍ତ ପୋଲିସ ଅଧିକାରୀ ତଥା ମହାନଦିବୀହାର ୩ନଂ ସେକ୍ଟର ନିବାସୀ ଚିତରଞ୍ଜନ ଦାସଙ୍କ ୮୭ବର୍ଷ ବୟସରେ ଗତ ରବିବାର ରାତିରେ ପରଲୋକ ଘଟିଯାଇଛି। ତାଙ୍କ ପାର୍ଥୀବ ଶରୀରକୁ ଏକ ପଟୁଆରରେ ନିଆଯାଇ ଶିଖରପୁରସ୍ଥିତ କାଳିଆବୋଦା ଶ୍ମସାନରେ ଶବଦାହ କରାଯାଇଥିଲା । ସ୍ୱର୍ଗତ ଚିତରଞ୍ଜନଙ୍କ ପରଲୋକ ଗମନ ତଥା ଦ୍ୱାଦଶାହ ଅବସରରେ ମହାନଦୀବିହାରସ୍ଥିତ ରିଦ୍ଧିସିଦ୍ଧି କଲ୍ୟାଣ ମଣ୍ଡପ ପରିସରରେ ଏକ ସ୍ମୃତିସଭା ଅନୁଷ୍ଠିତ ହୋଇଯାଇଛି । ଏହି ସ୍ମୃତିସଭାରେ ଚୌଦ୍ୱାର କଟକର ପୂର୍ବତନ ବିଧାୟକ ଡଃ ପ୍ରଭାତ ରଞ୍ଜନ ବିଶ୍ୱାଳ, କେନ୍ଦ୍ରପଡା ନିର୍ବାଚନ ମଣ୍ଡଳୀର ବିଧାୟକ ପାର୍ଥୀ ତଥା ଶିକ୍ଷାବିତ-ସମାଜସେବୀ ରଞ୍ଜନ ବେହେରା, ସ୍ଥାନୀୟ କର୍ପୋରେଟର ଇଂ ସୁବ୍ରତ ଘଡାଇ, ଏମଡିଏ ସଭାପତି ସଞ୍ଜୟ କୁମାର ଜେନା, ସମ୍ପାଦକ ହିମାଂଶୁ ଷଡ଼ଙ୍ଗୀ, ଚିନ୍ମୟ ଦାସ, ଜନ୍ମେଜୟ ଦାସ, ହିରଣ୍ମୟ ଦାସ, ତନ୍ମୟ ଦାସ, କରିସ୍ମା ଦାସ, ରେସମା ଦାସଙ୍କ ସମେତ ବହୁ ରାଜନେତା ଓ ବିଶିଷ୍ଟ ମୁରବୀ ବୃନ୍ଦ ଯୋଗଦେଇ ସ୍ୱର୍ଗତ ଚିତରଞ୍ଜନଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରି ସ୍ମୃତିଚାରଣ କରିଥିଲେ ।

# ଲାଞ୍ଚୁଆ ଡାକ୍ତର ଗିରଫ

■ **କଟକ :** ଟଙ୍କା ଲକ୍ଷାଧିକ ଟଙ୍କାରୁ ଅଧିକ। ତଥାପି ନିଅଣ୍ଟ। ସେବା ବଦଳରେ ଗରିବ ଏବଂ ନିରୀହ ଲୋକଙ୍କ ଠାରୁ ଲୁଟିବାରେ ବ୍ୟସ୍ତ ରହୁଛନ୍ତି। ମେଡିକାଲ ସାମଗ୍ରି କିଣାକିଣି ପାଇଁ ଅସାଧୁ ଉପାୟରେ ଟଙ୍କା ନେଉଛନ୍ତି। ଏଠାରେ ଆମେ କଟକ ବଡ଼ମେଡିକାଲର ଜଣେ ଡାକ୍ତରଙ୍କ କଥା କହୁଛୁ। ଅଢ଼େଇ ଲକ୍ଷରୁ ଅଧିକ ଟଙ୍କା ଲାଞ୍ଚ ନେଇ ସ୍କୁଟିରେ ଘରକୁ ଯାଉଥିବା ଡାକ୍ତର ସନାତନ ବେହେରା ଧରାପଡ଼ିଛନ୍ତି। ଟଙ୍କା ଲାଞ୍ଚ ନେଉଥିଲା ବେଳେ ଶ୍ରୀ ବେହେରାଙ୍କୁ ଭିଜିଲାନ୍ସ ବିଭାଗ ଧରିଛି। ଭିଜିଲାନ୍ସ ବିଭାଗ ପକ୍ଷରୁ କୁହାଯାଇଛି ଯେ, ଲାଞ୍ଚୁଆ ଡାକ୍ତର ସନାତନ ବେହେରା ହେପାଟୋଲୋଜି ବିଭାଗର ସହକାରୀ ପ୍ର ?ଫେସର ଭାବେ କଟକ ବଡ଼ମେଡିକାଲରେ କାର୍ଯ୍ୟରତ। ହେପାଟୋଲୋଜି ବିଭାଗକୁ ମେଡିକାଲ ସାମଗ୍ରି ଯୋଗାଣ ପାଇଁ ନିୟୋଜିତ ସଂସ୍ଥା ଠାରୁ ଟଙ୍କା ଲାଞ୍ଚ ନେଉଥିବା ନେଇ ଭିଜିଲାନ୍ସ ବିଭାଗକୁ ସୂଚନା ମିଳିଥିଲା। ଯୋଜନା ଅନୁସାରେ ଭିଜିଲାନ୍ସ ବିଭାଗ ଅତର୍କିତ ଚଢ଼ଉ କରି ଡାକ୍ତରଙ୍କ ପାଖରୁ ୨,୬୩,୦୦୦ ଜବତ କରିଛି। କଟକ ମେଡିକାଲ ରୋଡସ୍ଥିତ କାଠଗୋଳାସାହିସ୍ଥିତ ବାସଭବନ ଆଡ଼କୁ ନିଜ ସ୍କୁଟି (ଓଡି ୦୫ ବିଏସ୍ ୭୩୦୯)ରେ ଆଗକୁ ବଢୁଥିବା ବେଳେ ଭିଜିଲାନ୍ସ ବିଭାଗ ଅତର୍କିତ ଚଢ଼ଉ କରିଥିଲା। ଏତେ ଟଙ୍କା କେଉଁଠୁ ଆସିଲା ବୋଲି ପଚରାଯିବାରୁ ସେ ସନ୍ତୋଷଜନକ ଉତ୍ତର ଦେଇପାରି ନଥିଲେ। ଭିଜିଲାନ୍ସ ବିଭାଗ ଶ୍ରୀ ବେହେରାଙ୍କ ୩ଟି ଠିକଣାରେ ଚଢ଼ଉ କରିଛି। ଭିଜିଲାନ୍ସ ବିଭାଗ ମାମଲା ରୁଜୁ କରି ଘଟଣାର ଅଧିକ ତଦନ୍ତ କରୁଛି।



**ଲାଞ୍ଚ ଟଙ୍କା ନେଇ ସ୍କୁଟିରେ ଯାଉଥିଲେ**

# ସେକେଣ୍ଡାରୀ ବୋର୍ଡ଼ ହାଇସ୍କୁଲ୍ ୧୯୭୫ ବ୍ୟାଚ୍‌ର ବନ୍ଧୁମିଳନ

■ **କଟକ :** ସେକେଣ୍ଡାରୀ ବୋର୍ଡ଼ ହାଇସ୍କୁଲ୍ ୧୯୭୫ ବ୍ୟାଚ୍ ଛାତ୍ରଛାତ୍ରୀଙ୍କ ବନ୍ଧୁମିଳନ ସ୍କୁଲ ପରିସରରେ ଅତ୍ୟନ୍ତ ଆନନ୍ଦ ଉତ୍ସାହ ଓ ଭାବପ୍ରବଣ ପରିବେଶରେ ପାଳିତ ହୋଇଯାଇଛି। ପ୍ରାକ୍ତନ ଛାତ୍ର ଅରୁଣ ମହାନ୍ତିଙ୍କ ସଂଯୋଜନାରେ ଅନୁଷ୍ଠିତ ଉତ୍ସବରେ ଉକ୍ତ ବ୍ୟାଚ୍‌ର ଶତାଧିକ ଛାତ୍ରଛାତ୍ରୀ ଯୋଗଦେଇ ବିଦ୍ୟାଳୟ ବୁଲିବା ସହ ଅତୀତ ସ୍ମୃତି ରୋମନ୍ଥନ କରି ଆତ୍ମହରା ହୋଇଥିଲେ। ବ୍ୟାଚ୍ ପକ୍ଷରୁ ସେ ସମୟର ଶିକ୍ଷକ ଶିକ୍ଷୟିତ୍ରୀ ଉର୍ମିଳା କାନୁନ୍‌ଗୋ, ଦେବରାଜ ମିଶ୍ର ଓ ରମାକାନ୍ତ ଜେନାଙ୍କୁ ପୁଷ୍ପ ଅପର୍ଣ୍ଣପୂର୍ବକ ବନ୍ଦାପନା ସହ ସାଲ ଓ ଉତରୀୟ ଦିଆଯାଇ ଗୁରୁସମ୍ମାନ ପ୍ରଦାନ କରାଯାଇଥିଲା । ବିଦ୍ୟାଳୟର ପ୍ରଧାନଶିକ୍ଷକ ଅଶୋକ କୁମାର ଶତପଥୀଙ୍କୁ ମଧ ସମ୍ବର୍ଦ୍ଧିତ କରାଯାଇଥିଲା। ଛାତ୍ର ପ୍ରଦୀପ ମହାପାତ୍ର ସମସ୍ତଙ୍କୁ ସ୍ୱାଗତ କରିଥିବା ବେଳେ ଅରୁଣ ମହାନ୍ତି ସମ୍ବର୍ଦ୍ଧନା ସଭା ଓ ସଙ୍ଗୀତ ଆସର ପରିଚାଳନା କରିଥିଲେ। ଛାତ୍ରଛାତ୍ରୀ ମଞ୍ଜୁଶ୍ରୀ, ପ୍ରକାଶ, ସରୋଜା ନନ୍ଦ, ନନ୍ଦନନ୍ଦନ, ନନ୍ଦିନୀ ଓ ଅରୁଣ ପ୍ରମୁଖ ସୁମଧୁର ସଙ୍ଗୀତ ପରିବେଷଣ କରି ସମସ୍ତଙ୍କ ମନ ମୋହିବା ସହ ଅତୀତ ଦିନକୁ ଫେରାଇ ନେଇଥିଲେ। ଛାତ୍ରୀ ମଞ୍ଜୁଶ୍ରୀ ଓ ଛାତ୍ର ଅରୁଣ ମହାନ୍ତି ଦ୍ୱୈତ୍ୟଭାବେ ବିଦ୍ୟାଳୟ ଉପରେ ଏକ ସଙ୍ଗୀତ ଗାନ କରିଥିଲେ ଯାହା ଅତ୍ୟନ୍ତ ଭାବପ୍ରବଣ ପରିବେଶ ସୃଷ୍ଟି କରିଥିଲା।





ଭଲ ପାଇବାଟା
ଭୁଲ ଯେବେ ହେଲା
ପୁଣ୍ୟ ହେଲା ଯେବେ ପାପ ,
କଣ୍ଟାର ଆଘାତ
ଦେଇ ତୁମେ ମୋତେ
କି କରିଛ ଅନୁତାପ ?

ଫୁଲଟିଏ ମୋତେ
ଦେଇଥିଲ ସିନା
ବାସ୍ନାହୀନ ସିଏ ଆଜି ,
ତୃଷ୍ଣାରେ ଅଧର
ଓଠ ତଳେ ଯା'ର
ଠିକଣା ଯାଇଛି ହଜି !!

# ବାପା

## ॥ ଜ୍ୟୋତିଶଙ୍କର ମିଶ୍ର ॥

ତୁମେ ଏମିତି ଡହଡହ ଜଳିଯିବ ବୋଲି
ଏତେ ବହ୍ନି ବହିଥିଲ ଦେହେ
ଉତ୍ସାହର ବହ୍ନି ସାହସର ବହ୍ନି ଆଉ ବହ୍ନି
ଆତ୍ମବିଶ୍ୱାସର
ଏସବୁ ମୋ ପାଖେ ନାହିଁ ବୋଲି
ତୁମେ ମୋର ଆଶ୍ରା ଥିଲ
ଖୁଣ୍ଟ ଥିଲ
ଯାହାକୁ ଆଉଜି ମୁଁ
ସଂସାର ଆଖିରେ ଆଖି ମିଶେଉଥିଲି
ମୋତେ ପାଖାପାଖି ହରେଇଦେବାର
ଡରରେ ତୁମେ
ଭୋ ଭୋ କନ୍ଦିଥିଲ ଥରେ
ସେମିତି ଲୁହ ଟିକେ ବି
ନାହିଁ ମୋ'ଠାରେ
ଦେବା ପାଇଁ ତୁମକୁ
ତୁମେ ଥିଲା ଯାଏ
ମୋ ରାଶି ଫଳ ଭଲ ନଥିଲେ
ତୁମ ରାଶି ଫଳ ମୋର ବୋଲି
କହିଥିଲ ତୁମେ
ଭାଗ୍ୟ ମୋର କେବେ
ଖରାପ ନଥିଲା ତେଣୁ
ଏବେ ଯେବେ ହେବ
କଣ କରିବି କାହିଁ କହିନ ତ
ଘର ସବୁ କାମ କରିଦିଅ ତୁମେ
ମୁଁ ତ ସବୁ ପାରେନି
ଆଗରୁ ଛାତିକୁ ଟାଣ କରି ରଖିଥିଲ
ଶେଷକୁ କିଛି ଦିନ ବୋହି ଗଲ
ଝରଣା ପରି
ଖୁବ୍ ପାଇଛି ସ୍ନେହର ଚୁମା କେତେ
ଛଡ଼େଇ ନେଇଛି କୁହ
ଆଉ ଦେଇଛି ବି
ଏ କଥା କଣ ସତ
ତୁମେ ଆଉ ନାହଁ...

ବାଟ ବୁଢ଼ୀ କଲୋନୀ, ଚୌଦ୍ୱାର



# ପ୍ରେମ

## ॥ ପ୍ରକୃତିବନ୍ଧୁ ରଞ୍ଜନ କୁମାର ଦାଶ ॥

ପ୍ରେମ ନାମ ସିନା ଦୁଇଟି ଅକ୍ଷର
କାମ ଅଟେ ଅସରନ୍ତି ।
ସ୍ନେହ,ଶ୍ରଦ୍ଧା,ଭକ୍ତି,ଧୈର୍ଯ୍ୟ, ଶାନ୍ତ ମଧ୍ୟେ
ପ୍ରେମ ସର୍ବାଗ୍ରେ ରହିଛି।।
ପ୍ରେମଟା ସତରେ କିଭଳି ରକମ
କେହି ପାରନ୍ତିନି ଜାଣି।
ଦୁଃଖ,ସୁଖ,ସ୍ନେହ ସମ୍ପର୍କ କୁ ଭୁଲି
ପ୍ରେମ ସାଜେ ସଉତୁଣୀ ।।
ଭ୍ରୁଣ ହେବାଠାରୁ ଜନନୀ ଜଠରୁ
ଗୁରୁ,ଗୁରୁଜନ ପା'ନ୍ତି ଭଲ ।
କାଣିଚାଏ ପ୍ରେମ ଅଭାବ ରହିଲେ
ମନ ହୁଏ କଲବଲ ।।
ପିତାମାତା ପ୍ରେମ ଆମରି ଗରବ
ସେ ଆମ ଗଉରବ ।
ପୁତ୍ର କନ୍ୟା ଯେବେ ବଡ଼ିଲା ହୁଅନ୍ତି
ସେ ପ୍ରେମ ଅଲଗା ଭାବ।।
ଭାଇ ଭଉଣୀ ଙ୍କ ଅନାବିଳ ପ୍ରେମ
କଳି ନ ହୁଏ ସଂସାରେ ।
ନାଗର ନାଗରୀ ଉବୁଟୁବୁ ଭାଇ
ସ୍ୱର୍ଗ ବାହୁବନ୍ଧନରେ ।।
ଆଜିକାଲି ପ୍ରେମ ଫନି ବାତ୍ୟା ପରି
କେତେବେଳେ ଆସେ ଯାଏ ।
ଲୋକଦେଖାଣିଆ ଭଲପାଇବା ଟା
ସ୍ୱାର୍ଥରେ ଜଡ଼ିତ ଥାଏ।।
ପ୍ରେମହିଁ ଅତୁଟ,ପ୍ରେମହିଁ ସମ୍ପର୍କ
ପ୍ରେମହିଁ ମୋହ ବନ୍ଧନ।
ପ୍ରେମ ନଥିଲେ ଟି ଏମର୍ତ୍ତ୍ୟ ମଣ୍ଡଳେ
ସବୁ ଲାଗେ ଶୂନ୍ୟ ଶୂନ୍ୟ।।

ରାଜ୍ୟ ପୁରସ୍କାର ପ୍ରାପ୍ତ ଶିକ୍ଷକ
ଓଡ଼ଗାଁ,ନୟାଗଡ଼

# ପ୍ରତୀକ୍ଷା

## ॥ ପ୍ରସାଦ ପଣ୍ଡା ॥

ବହଳ ହେଲାଣି
ବାହାରେ ଅନ୍ଧାର
ଅଳସ ଭାଙ୍ଗୁଛି ରାତି...
ବିରହ ବିଧୂରା
ଉଦାସୀ ଛାତିରେ
ଭରୁଛି ଯାତନା ତାତି...
ଗୁମୁରି କାନ୍ଦୁଛି
ବିରହୀ ଚକୋର
ଦୂର ଚକ୍ରବାଳ ତଳେ...
ଛିଗୁଲେଇ ହସେ
ଅଲାଜୁକୀ ଜହ୍ନ
ଫୁଙ୍ଗୁଳା ଆକାଶ କୋଳେ...
କୁହୁଡ଼ି ଚାଦର
ଘୋଡ଼େଇ ହେଇକି
ଶୋଇ ପଡ଼ିଲାଣି ରାତି...
ନିଶୁନ ନିଶବ୍ଦ
ସହର ହେଲାଣି
ଲିଭିଲାଣି ସବୁ ବତୀ...
ହେଇ ସେ ପଟରେ
ଉଦାସିଆ ହୋଇ
ସେ ଯେଉଁ ତାରାଟି ବସେ...
କାହିଁକି କେଜାଣି
ଆଜି ମତେ ଚାହିଁ
ଲାଜେଇ ଲାଜେଇ ହସେ...
ସତେକି ଜଣେଇ
ଦବାକୁ ଚାହୁଁଛି
ଆଜି ସିଏ ଭାରି ଖୁସି...
କାହିଁ କେତେଦିନ
ପରେ ତା ପାଖକୁ
ଫେରିଛି ତା ପରବାସୀ...
ପୁବେଇ ଆକାଶ
ଆସର ଭାଙ୍ଗିକି
ତାରାଏ ଗଲେଣି ଚାଲି...
ସ୍ୱାମୀ ସୋହାଗର
ସପନ ଭିତରେ
ଜଞ୍ଜାଳ ଯିବାକୁ ଭୁଲି...
ନିଦ୍ରା ଆଜି ଆଉ
କପଟ କରନି
ଦିଅ ଗୋ କାଉଁରୀ ଛୁଆଁ...
ସପନରେ କାଲେ
ଆସିବାକୁ ବାଟ
ଚାହିଁ ବସିଥିବ ପ୍ରିୟା...
ଆଖିରୁ ନିଦ ତ
ହଜିଛି କେବେଠୁ
ସପନ ଦେଖିବି କାହୁଁ
ଆସିବାର କେହି
ନଥିଲେ ନଥାଉ
ଏ ପ୍ରତୀକ୍ଷା ଏମିତି ଥାଉ ?

ଅବସରପ୍ରାପ୍ତ ଅତିରିକ୍ତ ମୁଖ୍ୟ ଯନ୍ତ୍ରୀ,
ଜଳସମ୍ପଦ ବିଭାଗ ।

# ହଳିଆ ଭାଇ

## ॥ ସଞ୍ଜୟ କୁମାର ଦାସ (ମୁନା) ॥

ହଳିଆ ଭାଇରେ ହଳିଆ ଭାଇ
ତରତର ହୋଇ ଯାଉଛି ଧାଇଁ
ଖରା ବରଷାକୁ ନ କରି ଖାତିର
ହଳ ଲଙ୍ଗଳକୁ ନିଏ ଆଦରି
ଗୋବିନ୍ଦ ଗୋପାଳକୁ ସାଥିରେ ଧରି
ଆଖିରେ ଆଖିଏ ସପନ ଭରି
ଧରା ମାତାକୁ କରି ପ୍ରଣାମ
ସୁରୁ କରିଦିଏ କ୍ଷେତରେ କାମ
ଗୋବିନ୍ଦ ଗୋପାଳକୁ କହେ ବୁଝାଇ
କାମ ସାର ସଅଳ ଯିବା ପଳାଇ
ଘରକୁ ଗଲେ ବିରି, କୋଳଥ ଦେବି
ମୁହଁରେ ତୁମର ହସ ଫୁଟାଇବି
ଗୁଣୁ ଗୁଣୁ ହୋଇ ଗାଉଛି ଗୀତ
ଭକତିରେ ରଖ ଆହେ ଜଗତର ନାଥ
କୁନା, କୁନି ମୋର ପାଠ ପଢିବେ
ପାଠ ପଢ଼ି ମୋର ନାଁ ରଖିବେ
ଦିନ ରାତି ମୁଁ ଏକ କରିବି
କୁନା କୁନି ମନରେ ଦୁଃଖ ନ ଦେବି
ନଙ୍ଗଳ ମୁଠାକୁ ଜାବୁଡ଼ି ଧରି
ପୂରଣ କରିବି ଆଶା ତାଙ୍କରି
ତୁଣ୍ଡ ଝାଳ ମୁଣ୍ଡରେ ମାରି
ସୁନା ଫଳାଇବି କ୍ଷେତ କିଆରୀ
ସକାଳ ସନ୍ଧ୍ୟାରେ ମଠ, ମନ୍ଦିର ଯାଇ
କହେ ରଖ ପ୍ରଭୁ ଘଣ୍ଟ ଘୋଡ଼ାଇ
ଚଷା ଭାଇ ତତେ କୋଟି ଜୁହାର
ଜଗତେ ଅଟୁ ତୁ ଏକ ନମ୍ବର
ମିନତୀ କରୁଛୁ ଆହେ ବଡ଼ ଠାକୁର
ଚଷା ଭାଇକୁ ରଖ କରି ନିଜର ॥



Printed, Published and owned by Dr. Byomakesh Kanungo of Gandharba Sahu Lane, PO - Kalyani Nagar, Dist.- Cuttack-753013 (Odisha), Printed at Khetramani Printing Press, At - Darakhapatna, PO - Kalyani Nagar, Dist - Cuttack - 753013

Editor-in-chief : Dr. Byomakesh Kanungo
Editor : Biraja Prasad Kanungo

Ph. No. : 7008872226 / 7077233233
E-mail : harsikamedia22@gmail.com

ମୁଖ୍ୟ ସଂପାଦକ : ଡଃ ବ୍ୟୋମକେଶ କାନୁନ୍‌ଗୋ
ସଂପାଦକ : ବିରଜା ପ୍ରସାଦ କାନୁନ୍‌ଗୋ